## ସ୍କୁଲ ଗେଟ ପଡ଼ି ଶିକ୍ଷକଙ୍କ ଗୋଡ଼ ଭାଙ୍ଗିଲା

ଭବାନୀପାଟଣା,(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅଁଲାଭଟା ହାଇସ୍କୁଲର ମୁଖ୍ୟ ଫାଟକ ସହକାରୀ ଶିକ୍ଷକ ଯୋଗେନ୍ଦ୍ର ଶବରଙ୍କ ମୁଣ୍ଡରେ ପଡ଼ିବାରୁ ଗୁରୁତର ହୋଇଛନ୍ତି। ତୁରନ୍ତ ତାଙ୍କୁ ଭବାନୀପାଟଣାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶନିବାର ସକାଳେ ଗେଟ ଖୋଲିବା ସମୟରେ ଶିକ୍ଷକ ଶବରଙ୍କ ଉପରେ ହଠାତ୍ ପଡ଼ିଯାଇଥିଲା। ଏଥିରେ ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ମଧ ଆଘାତ ଲାଗିଛି।

## ସଂକ୍ଷେପରେ

### ବାହୁଡ଼ା ଉପଲକ୍ଷେ ରକ୍ତଦାନ ଶିବିର

ନୂଆପଡ଼ା,୨୫।୬ (ମକାରୁ ବେମାଲ): ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ବାହୁଡା ଯାତ୍ରା ଉପଲକ୍ଷେ ସାମ୍ବାଦିକ ସମନ୍ୱୟ ସମିତି ପକ୍ଷରୁ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୋଟ ୩୦ ୟୁନଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରରେ ନୂଆପଡା ଆରକ୍ଷୀ ଅଧୀରକ୍ଷକ ଜିଆର ରାଘବେନ୍ଦ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଅଧିବକ୍ତା ଧନୀରାମ ସାହୁ, ଅମଲା ସଂଘ ମିଡିଆ ପ୍ରଭାରୀ ବିଭୁଦର ମିଶ୍ର, ଅମଲା ରାଜ୍ୟ ଉପସଭାପତି ମଦନ ସୁନ୍ଦର ସାହୁ, ନିୟମିତ ରକ୍ତଦାତା କିଶୋର କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନୂଆପଡା ଅରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ପ୍ରଥମ ରକ୍ତଦାନ କରିଥିବା ବେଳେ ପୋଲିସ ଫୋର୍ସ, ବ୍ୟାଙ୍କ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ରକ୍ତଦାନ କରିଥିଲେ। ସୁଶାନ୍ତ କର, ଅଂଶୁମାନ ଅଗସ୍ତି, ସୀମାଞ୍ଚଳ ମହାପାତ୍ର, ଦୀପକ କୁମାର ମିଶ୍ର, ଅମିତ ପୁରୋହିତ, ଶିଶିର ଭୂୟାଁ, ରାଜ କିରଣ ସିଂଦେଓ, ହେମନ୍ତ ବେହେରା, ବିକାଶ ଖର୍ସେଲ ପ୍ରମୁଖ ସହଯୋଗ କରିଥିଲେ।

### ଶାନ୍ତପୁର ସରପଞ୍ଚଙ୍କ ଅକାଳ ବିୟୋଗ

ପଲମ,୨୫।୬(ଭିକାରି ଗଉଡ): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଶାନ୍ତପୁର ପଞ୍ଚାୟତ ସରପଞ୍ଚ ସୁଶ୍ରୀ ରୁତିକା କୁମାର(୨୩)ଙ୍କ ଅକାଳ ବିୟୋଗ ହୋଇଯାଇଛି। ସେ କିଛି ଦିନ ଧରି ଅସୁସ୍ଥ ଥିଲେ । ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମସ୍ ହସ୍‌ପିଟାଲକୁ ନିଆଯାଉଥିବା ବେଳେ ମ.ରାମପୁର ନିକଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ବିୟୋଗରେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିଲା ପରିଷଦ ସଦସ୍ୟ ହରିଶଙ୍କର ମାଝି, ବିଡିଓ ବାସନ୍ତି ସେଠି, ଜିପିଇଓ ଖିତିଶଚନ୍ଦ୍ର ନାଏକ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଭାନପୁର ସରପଞ୍ଚ ଅନ୍ତରାମ ମାଝି, ବାଗପୁର ସରପଞ୍ଚ ଗୋପାଲ ହାତି, ଘଣ୍ଟମାଲ ସରପଞ୍ଚ ଦେବେନ୍ଦ୍ର ସା, ସର୍ଗୀଗୁଡା ସରପଞ୍ଚ ବିଜୟ ବୁଢିଆ, ବଡଧାରପୁର ସରପଞ୍ଚ ପର୍ଶୁରାମ ହରପାଲ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ଅଲ ଓଡିଆ ସିଡିଲ କାଷ୍ଟ ଫେଡେରେଶନର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ କୁମାର, ସରିଆ ସରପଞ୍ଚ ଓମ ପ୍ରକାଶ ଛତ୍ରିଆ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ତାଙ୍କ ଶବାଧାରରେ ବହୁ ବିଶିଷ୍ଟବ୍ୟକ୍ତିଙ୍କ ସମେତ ପରିବାର ତଥା ବନ୍ଧୁବର୍ଗଙ୍କ ସହିତ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ। ସରପଞ୍ଚଙ୍କ ବିୟୋଗରେ ନର୍ଲା ବ୍ଲକ ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମାଣ୍ଡିଆ ଚାଷୀଙ୍କ ପ୍ରୋତ୍ସାହନ ରାଶି ମିଳିନି

ନୂଆପଡ଼ା,୨୫।୬ (ମକାରୁ ବେମାଲ)

ନୂଆପଡା ଜିଲାରେ ଚାଷୀମାନେ ମାଣ୍ଡିଆ ଚାଷକରି ଆସୁଥିଲେ। ତାହା ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସିମିତ ହୋଇ ରହିଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ମିଲେଟ ମିଶନ ହେବା ପରେ ଜିଲାରେ ମାଣ୍ଡିଆ ଚାଷ ବିପୁଳ ମାତ୍ରାରେ ବଢି ଚାଲିଛି। ବର୍ତ୍ତମାନ ବର୍ଷା ଦିନିଆ ମାଣ୍ଡିଆ ଚାଷ ଅପେକ୍ଷା ଖରାଟିଆ ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହେଉଛି। ହେଲେ କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ବେଲଗାଁ ଚାଷୀ ଖରାଟିଆ ମାଣ୍ଡିଆ ଚାଷ କରି ମଣ୍ଡିରେ ବିକ୍ରୟ କରି ପାରି ନାହାନ୍ତି କି ତାଙ୍କର ପ୍ରୋତ୍ସାହନ ରାଶି ଏଯାଏଁ ଆକାଉଣ୍ଟରେ ପଡିନାହିଁ। ସୁଚନା ମୁତାବକ ଜିଲା କୃଷି ବିଭାଗ ପକ୍ଷରୁ ନୂଆପଡା ବ୍ଲକର ୯୫ ହେକ୍ଟର ଚାଷୀ ଓ କୋମନା ବ୍ଲକରେ ୧୫୫ ହରକ୍ଟର ଜମିରେ ଚଳିତବର୍ଷ ଏଲଟିଆଇ ଓ ଏସଏମଆଇ ପଦ୍ଧତିରେ ମାଣ୍ଡିଆ ଚାଷ ହୋଇ ଅମଳ ମଧ୍ୟ ଭଲ



ମାଣ୍ଡିଆ ଚାଷ ଅମଳ ସମୟର ଫଟୋ।

ହୋଇଛି। ହେଲେ ମାଣ୍ଡିଆ ମଣ୍ଡି ଏପ୍ରିଲ ୩୦ରେ ବନ୍ଦ ହୋଇଯିବାରୁ ଅଧିକାଂଶ ଚାଷୀ ମାଣ୍ଡିଆ ବିକ୍ରୟ କରି ପାରିନାହାନ୍ତି। ବେଲଗାଁର ଚମାର କରୁଆ, କୁନ୍ତି କରୁଆ, କାଶି କରୁଆ, ମିତ୍ରଭାନୁ କରୁଆ, ରୁପସିଂ ମାଝି, ସୁକ୍ତ ମାଝି, ରାଜେନ୍ଦ୍ର ଦଳ, ଇନ୍ଦ୍ର ଦଳ, ଡୋଲାମଣି କରୁଆ, ପୀତାମ୍ବର ମାଝି, ଲୋକନାଥ ମାଝି, ସୁଚିନ୍ଦ୍ର ଦଳ, ପ୍ରମେଶ୍ୱର ଦଳ, ପୂର୍ଣ୍ଣମୀ ଦଳ, ପଦ୍ମନୀ ଦଳ, ଜୁଗେଶ୍ୱର ମାଝି, ଶ୍ୟାବ ମାଝି, ପଦ୍ମ ଲୋଚନ ମାଝି, ଶାନ୍ତି ମାଝି, ପୁଷ୍ପା କରୁଆ, ମଞ୍ଜୁଲତା ମାଝି, କୋଶଲ୍ୟା ମାଝି ପ୍ରମୁଖ ୨୨ଜଣ ଚାଷୀ ଖରାଟିଆ ମାଣ୍ଡିଆ ଚାଷ କରି ପାଖାପାଖି ୮୦ କୁଇଣ୍ଟାଲ ମାଣ୍ଡିଆ ବିକ୍ରୟ କରି ପାରିନାହାନ୍ତି। ଚାଷ କରି ହଳ, ସାର, ଶ୍ରମିକ ପାଉଣା ଦେଇ ପାରୁ ନାହାନ୍ତି। ମାଣ୍ଡିଆ ଚାଷ ଅମଳ ଜୁନ ମାସରେ ହୋଇଛ। ହେଲେ ଏପ୍ରିଲ ମାସରେ ମାଣ୍ଡିଆ ମଣ୍ଡି ବନ୍ଦ ହୋଇ ଯାଇଥିବାରୁ ଚାଷୀ ମାଣ୍ଡିଆ ବିକ୍ରୟ କରି ପାରିନାହାନ୍ତି। ମାଣ୍ଡିଆ ବିକ୍ରୟ କରିବା ପାଇଁ ଚାଷୀଙ୍କୁ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡିବ। କୃଷି ବିଭାଗ ପକ୍ଷରୁ ପ୍ରୋତ୍ସାହନ ରାଶି ମିଳିଲେ ସାର କିମ୍ବା ଶ୍ରମିକ ପାଉଣା ଦେଇ ପାରନ୍ତେ। ହେଲେ ଚାଷ ହୋଇ ଅମଳ ସରି ଯାଇଥିଲେ ମଧ ପ୍ରାତ୍ସାହନ ରାଶି ପଡି ନ ଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ମହାପାତ୍ରଙ୍କୁ ପଚାରିବାରୁ ଜିଲାର ସବୁ ଚାଷୀଙ୍କ ତାଲିକା ଆସି ନାହିଁ। ଆସିଲା ପରେ ଗୋଟିଏ ସପ୍ତାହ ମଧ୍ୟରେ ସମସ୍ତଙ୍କ ଆକାଉଣ୍ଟରେ ପ୍ରୋତ୍ସାହନ ରାଶି ଜମା ହେବ ବୋଲି କହିଛନ୍ତି।

# ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କେନ୍ଦ୍ର ବୈଠକ


ବୈଠକରେ ଯୋଗଦେଇଥିବା ଅତିଥି।

ଖଡ଼ିଆଳ,୨୫।୬(ସୁଜିତ୍ ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କେନ୍ଦ୍ର ବୈଠକ ତଥା ସମୀକ୍ଷା ବୈଠକ ସମାଜର କୁଳପତି ଶମ୍ଭୁ କିଶୋର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଖଡ଼ିଆଳସ୍ଥିତ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସଙ୍ଗଠକ ପରମେଶ୍ୱର ବାରିକ ଅତିଥିମାନଙ୍କୁ ଆହ୍ୱାନ କରିଥିବା ବେଳେ ସମ୍ପାଦକ ଦିଲୀପ କୁମାର ନାଏକ ବିବରଣୀ ପଠନ କରିଥିଲେ। ବୈଠକରେ ସୁବର୍ଣ୍ଣ ଜୟନ୍ତୀ ପାଳନରେ ଖର୍ଚ୍ଚ ହୋଇଥିବା ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ସମୀକ୍ଷା ବୈଠକରେ ଉପକୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ, ସହସମ୍ପାଦକ ସୁନୀଲ କୁମାର ମାଝି, ଯୁଗ୍ମ ସମ୍ପାଦକ ଘୁମେଶ ଚଳାନ, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକ, କୋଷାଧ୍ୟକ୍ଷ ଶ୍ରୀବସ୍ତି ବାରିକ, ସହ କୋଷାଧ୍ୟକ୍ଷ ରାଜକପୁର ବାରିକ, ବରିଷ୍ଠ ପରାମର୍ଶ ଦାତା ଜିତେନ୍ଦ୍ର ସିଂ ବାରିକ, ଜ୍ଞାନ ପ୍ରକାଶ ସିଂ, କେତନ ସିଂ ବାରିକ, ଅଶ୍ୱନୀ କୁମାର ପ୍ରଧାନୀ, ନନ୍ଦଲାଲ ବାରିକ, ଖରତ ଚନ୍ଦ୍ର ବାରିକ, ବିଦ୍ୟାଧର ବିଶିଙ୍କ ସମେତ କ୍ଷତ୍ରିୟ ସମାଜର ବରିଷ୍ଠ କର୍ମକର୍ତ୍ତା ରତନ ସିଂ ବାରିକ, ଡ଼.ସୁଶାନ୍ତ କୁମାର ବିଶି, ରୁଦ୍ର ମାଧବ ବାରିକ, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


କଳାହାଣ୍ଡି ଜିଲା ମ. ରାମପୁରର ରଜାମୁଣ୍ଡା ଗ୍ରାମରେ ବରୁଣ ସାହୁ ନିଜ ଚାଷ ଜମିରେ ହଳ କରୁଥିବା ବେଳେ ଏକ କଳାକୃତି ଖୋଦିତ ବିରଳ ପୁରାତନ ପଥର ମିଳିଛି। ଖବର ପ୍ରଚାର ହେବା ପରେ ଓକିଲ ସତ୍ୟ ସାହୁ, ସମବାୟ ସଭାପତି କୀର୍ତ୍ତନ ସାହୁ, ବରୁଣ ସାହୁ, ଈଶ୍ୱର ସାହୁ, ଅର୍ଜୁନ ସାହୁ, ଶ୍ରୀକର ସାହୁ, ସରପଞ୍ଚ ବୀଣାପାଣି ସାହୁ, ୱାର୍ଡ ସଭ୍ୟା ସଂଯୁକ୍ତା ପୁରୋହିତ, କଂଗ୍ରେସ ଯୁବ ନେତା ବିଭୁତି ମହାଖୁଡ଼ ପ୍ରମୁଖ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଏହାର ଅନୁସନ୍ଧାନ ଓ ଗବେଷଣା ପାଇଁ ଦାବି କରିଛନ୍ତି। **(ଶଶିଭୂଷଣ ପ୍ରହରାଜ)**

# ଲାଞ୍ଜିଗଡ଼ ଅଞ୍ଚଳରେ ହାତୀ ଉପଦ୍ରବ

**ଗଛ ଭାଙ୍ଗି କୁଇଣ୍ଟାଲ ସଂଖ୍ୟକ ଆମ୍ବ ନଷ୍ଟ**

ଲାଞ୍ଜିଗଡ଼,୨୫।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ କାଉଗୁଡା ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ଶନିବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ସିକେରକୁପା ବନ ବିଭାଗ ଅଧୀନରେ ଥିବା କାଉଗୁଡା ଗାଁର କୁନ୍ତ ଶବରଙ୍କ ଆମ୍ବ ବଗିଚାରେ ପଶି ଆମ୍ବ ଗଛର ଡାହି ଭାଙ୍ଗି ନଷ୍ଟ କରିଛନ୍ତି। ଫଳରେ ଗଛରେ ଥିବା କୁଇଇଣ୍ଟାଲ ସଂଖ୍ୟକ ଆମ୍ବ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। କୁନ୍ତ ବହୁ ପରିଶ୍ରମ କରି ଏହି ଆମ୍ବ ଗଛ ଲଗାଇ ଥିଲେ। ଦୁଇ ବର୍ଷ ହେଲା ଆମ୍ବ ଫଳୁଥିବା ବେଳେ ଗତ ରାତିରେ ଦନ୍ତା ହାତୀ ଆସି ନଷ୍ଟ କରିବା ଫଳରେ ସେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି। ଖବର ପାଇ ସିକେରକୁପା ଫରେଷ୍ଟ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଥିବା ଜଣାପଡ଼ିଛି। ସୂଚନା ଥାଉକି ଗତ ମାସ ୨୦ ତାରିଖରେ ମଧ ୧୨ରୁ ଊର୍ଦ୍ଧ୍ୱ ହାତୀପଲ ସିକେରକୁପା ବନ ବିଭାଗ ଅଧୀନ ଥିବା ଖିକ୍ସାଭଟା ଜଙ୍ଗଲରୁ ବାହାରି କଦମଗୁଡା ଗାଁର ସରୋଜ ପ୍ରଧାନଙ୍କ ଆମ୍ବ ବଗିଚାରେ ପଶି ୨୫ ରୁ ଊର୍ଦ୍ଧ୍ୱ ଆମ୍ବ ଗଛର ଡାହି ଭାଙ୍ଗି କୁଇଇଣ୍ଟାଲ ସଂଖ୍ୟକ ଆମ୍ବ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଥିଲେ। ତୁରନ୍ତ ବନ ବିଭାଗ କୁନ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝିଙ୍କୁ ପଚାରିବାରୁ ଜଙ୍ଗଲରୁ ଗୋଟିଏ ହାତୀ ପଶି ଆସିଥିଲା ଏବଂ ଆମ କର୍ମଚାରୀ ଯାଇ ଘଉଡ଼ାଇ ଦେଇଛନ୍ତ। ବର୍ତ୍ତମାନ ସୁଦ୍ଧା ଆମ କର୍ମଚାରୀ ସେଠାରେ ଉପସ୍ଥିତ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ରାୟପୁରରେ ଶ୍ୱାଶତୀଙ୍କ ହାତ ଧରିଲେ ସାଗର

ଭବାନୀପାଟଣା,୨୫।୬ (ଉତ୍ତମ କୁମାର ଦାଶ)

ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସଙ୍କ କନିଷ୍ଠ ପୁତ୍ର ସାଗର ଚରଣ ଦାସ ରବିବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ରାୟପୁରର ଏକ ହୋଟେଲରେ ଅନୁଷ୍ଠିତ ଏହି ବିବାହରେ ସାଗର ଶ୍ୱାଶତୀଙ୍କ ହାତ ଧରିଛନ୍ତି। ସାଗର ଭବାନୀପାଟଣା ସହର ରାମନଗରପଡାସ୍ଥିତ ସ୍ୱର୍ଗତ ସମୀର ପାଢିଙ୍କ ଝିଅ ଶାଶ୍ୱତୀ ପାଢିଙ୍କୁ ପ୍ରେମ ବିବାହ କରିଛନ୍ତି। ଏହି ବିବାହରେ ଦଳୀୟ ନେତା ସହ ଅନେକ ନାମୀଦାମି ଲୋକ ଯୋଗଦେଇଥିଲେ। ଗତ ସାଧାରଣ ନିର୍ବାଚନରେ ସାଗର କଂଗ୍ରେସ ପକ୍ଷରୁ ଭବାନୀପାଟଣା ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦତା କରି ଭାଜପାର ପ୍ରଦୀପ୍ତ ନାଏକଙ୍କଠାରୁ ପରାଜିତ ହୋଇଥିଲେ।


ଶ୍ୱାଶତୀଙ୍କ ହାତ ଧରିଲେ ସାଗର।

# ଡେଙ୍ଗୁ, ମ୍ୟାଲେରିଆ ସଚେତନ କାର୍ଯ୍ୟକ୍ରମ

ପଲମ,୨୫।୬(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ଅକ୍ଷୟ କୁମାର ଗୋଚ୍ଛାୟତ ଅଧକ୍ଷତା କରିଥିଲେ। ବୈଠକରେ ନର୍ଲା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ସାମଲ, ନର୍ଲା ସିଡିପିଓ ନିବାସିନୀ ବିଶ୍ୱାଳ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଦେବ ବାଗ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଡେଙ୍ଗୁର ପ୍ରାଦୁର୍ବାଭ ଓ ଏହାର ନିରାକରଣ ବିଷୟରେ ଆଲୋଚନା କରାଯାଇଛ। ଏହି ଅ' ସେକ୍ଟର ସଂଯୋଜନା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନର୍ଲା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିର୍ମଳ ବାରିକ, ଆରଡବ୍ଲ୍ୟୁ ଏସଏସ ବିଭାଗ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ସୁନାନୀ, କନିଷ୍ଠ ଯନ୍ତ୍ରୀ ବିଚିତ୍ରାନନ୍ଦ ନାଏକ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ସୁରେନ୍ଦ୍ର ସାହୁ, ଆଶାକର୍ମୀ, ଆଇସିଡିଏସ ସୁପରଭାଇଜର, ଶିକ୍ଷକମାନେ ଉପସ୍ଥିତ


ବୈଠକରେ ଆଲୋଚନା କରାଯାଉଛି।

ରହି ଡେଙ୍ଗୁ ବ୍ୟାପିବାର ବିଭିନ୍ନ ଦିଗ ଓ ଏହାର ନିରାକରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷ ଭାବେ କଠିନ ଚଟାଣଯୁକ୍ତ ସାମଗ୍ରୀ ଯଥା ନିଡିଆ ଖୋଳପା, ପ୍ଲାଷ୍ଟିକ ପାଣି ବୋତଲ, ଟିଣ ଡବା ପ୍ରଭୃତିରେ ପାଣି ଦିର୍ଘଦିନ ଧରି ଜମି ରହିଲେ ସେଥିରେ ଅଣ୍ଡା ଦେଇ ଡେଙ୍ଗୁ ଭାହକ ମଶା ତାର ବଂଶ ବିସ୍ତାର କରିଥାଏ। ଏଣୁ ଏ ସମସ୍ତ ସାମଗ୍ରୀର ପାଣି ନିଷ୍କାସନ କରି ଡେଙ୍ଗୁ ଓ ମ୍ୟାଲେରିଆ ବଂଶ ବୃଦ୍ଧିକୁ ରୋକିବା ପାଇଁ ଜନ ସଚେତନତା ସୃଷ୍ଟି ନିମନ୍ତେ ସ୍ଥିର କରାଯାଇଥିଲା। ଦୃଶ୍ୟଶ୍ରାବ୍ୟ ଯନ୍ତ୍ର ମାଧ୍ୟମରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବା ଏବଂ ଏହାକୁ ରୋକିବାର ବିଭିନ୍ନ ବିନ୍ଦୁ ଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ନର୍ଲା ମେଡିକାଲ ଷ୍ଟାଫ ଦେବାଶିଷ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିପିଏମ ସମୀର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବିବାହିତା ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

କର୍ଲାମୁଣ୍ଡା,୨୫।୬(ପ୍ରଦୀପ ସାହୁ)

- **ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**
- **ବାପପୁଅ ଅଟକ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ତେଲିସରାବାହିଲି ଗ୍ରାମରେ ରବିବାର ଜଣେ ବିବାହିତା ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କେତକୀ ସାହୁ। ମୃତକଙ୍କ ପରିବାର ଏହା ଆତ୍ମହତ୍ୟା ନୁହେଁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମତେ ଭଟାପଲା ଲକ୍ଷ୍ମୀପ ସ୍ୱର୍ଗତ ଯୁଧିଷ୍ଠିର ସାହୁଙ୍କ ଝିଅ କେତକୀ ଗତ ଜାନୁୟାରୀ ୧୫ରେ ତେଲିସରାବାହିଲିର ଆନନ୍ଦ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ମାସକ ପରେ ସ୍ୱାମୀଙ୍କ ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେଉଥିବା କେତକୀର କକା ଅପେଶ୍ୱର ସାହୁ ଅଭିଯୋଗ କରିଛନ୍ତି। ତେଣୁ ତାଙ୍କୁ ମାରି ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ମୃତଦେହ ଏକ ପଲଙ୍କ ଖଟରେ ରହିଥିବା ପରିବାର ପକ୍ଷରୁ କୁହାଯାଇଛି। ଖବର ପାଇ ମ ରାମପୁର ଥାନାଧିକାରୀ ସଚିନ୍ଦ୍ର ପ୍ରଧାନ, ମାଜିଷ୍ଟ୍ରେଟ ଦାୟିତ୍ୱରେ ସ୍ଥାନୀୟ ତହସିଲଦାର ମିଳନ କୁମାର ଝାଙ୍କର ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ଶବ ପଞ୍ଚନାମା କରବା ସହ ଶବ ବ୍ୟବଚ୍ଛେଦ ପାଇଁ ମ.ରାମପୁରକୁ ପଠାଇଥିଲା। ମୃତକ ମହିଳା ଜଣକ ଗର୍ଭବତୀ ଥିବା ସୂଚନା ମିଳିଛି। ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି ହୋଇଛି। ଏ ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସୋମବାର ଶବ ବ୍ୟବଚ୍ଛେଦ ହୋଇ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ବାପାପୁଅଙ୍କୁ ପୋଲିସ ଅଟକ ରଖିଛି। ସୂଚନାଯୋଗ୍ୟ ଯେ, କେତକୀଙ୍କୁ ତାଙ୍କ ସ୍ୱାମୀ ଆନନ୍ଦ ଝଗଡା କରି ତାଙ୍କ ବାପ ଘରେ ଛାଡ଼ି ଦେଇଥିଲେ। ଶନିବାର ସନ୍ଧ୍ୟାରେ କେତକୀଙ୍କୁ ସରାବାହାଲିକୁ ଆଣିଥିଲେ।

# ଯାଦବ ବୁଦ୍ଧିଜୀବୀ ମଞ୍ଚର ଜିଲାସ୍ତରୀୟ ସମ୍ମିଳନୀ

ଭବାନୀପାଟଣା,୨୫।୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଅମଲାଭବନଠାରେ ରବିବାର ଯାଦବ ବୁଦ୍ଧିଜୀବୀ ମଞ୍ଚ ଓଡିଶାର ଏକ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଦବର ବିକାଶରେ ସମ୍ବିଧାନର ଭୂମିକା ଶିର୍ଷକ ଉପରେ ଆଲୋଚନା ହୋଇଥିଲା। ମଞ୍ଚର ରାଜ୍ୟ ଆବାହକ ଧବଳେଶର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷାବିତ ଅର୍ଜୁନ କୁମାର ଧଙ୍ଗଡାମାଝି ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟଅତିଥି ଅସର ପ୍ରାପ୍ତ ଏବିଡିଓ ଦୁର୍ଗୁ ନିଆଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏସଓ ନଳିନୀ ରଞ୍ଜନ ରାଉତ, ଶ୍ରବଣ କୁମାର ଗୁପ୍ତ, ସହକାରୀ ଯନ୍ତ୍ରୀ ଇନ୍ଦ୍ରାବତୀ ଆକାଂକ୍ଷା ଖରସେଲ, ଅଧାପିକା ଅର୍ଘ୍ୟଞ୍ଜଳି ଭୋଇ, ବନରକ୍ଷୀ ଜ୍ୟୋସ୍ନା ବେହେରା ପ୍ରମୁଖ ଯୋଗଦେଇଥିଲେ। ଯାଦବ ସମାଜ ଓବିସି ନାମରେ ସମ୍ବିଧାନ ଦ୍ୱାରା ଅଧିକାର ପାଇଛି। ଏହାକୁ ପୁଙ୍ଖ୍ୟାନୁ ପୁଙ୍ଖେ ଭାବରେ ଜାଣିବା ସହିତ ଗାଁ ଗାଁରେ ଚର୍ଚ୍ଚା କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଭଗବାନ କୃଷ୍ଣଙ୍କ ବଂଶଧର ଭାବେ ଭାଉରେ ଅବହେଳିତ ହେବା ଉଚିତ ନୁହେଁ ବରଂ ସବଳ ଓ ସୁନ୍ଦର ଭାରତ ଗଠନ କରିବାରେ ଯାଦବମାନଙ୍କ ଭୂମିକା ବହୁତ ଗୁରୁପୂର୍ଣ୍ଣ ବୋଲି ମତବ୍ୟକ୍ତ ହୋଇଥିଲା । ବିଷୟବସ୍ତୁ ଉପରେ ମଳୟ କୁମାର ଗଉଡ ପ୍ରସ୍ତାବନା କରିଥିବାବେଳେ ଉମାକାନ୍ତ ବାଗ ମଞ୍ଚ ପରିଚାଳନା କରିଥିଲେ। ସୁଶୀଲ ଗହିର ଧନ୍ୟବାଦ ଦେଇଥିଲେ। ଏହା ସହିତ ଆଇନଜୀବୀ ପାସ କରିଥିବା ସମାଜର ୬ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଙ୍କୁର ବାଗ, ବିଶରଞ୍ଜନ ଧଙ୍ଗଡାମାଝି, ସୁବାସ ନାଗ, ଧନେଶର ନିଆଲ, କୀର୍ତ୍ତୀ ଚନ୍ଦ୍ର ଗଉଡ, ସୁରେଶ ଚନ୍ଦନ, ପବିତ୍ର ବାଗ ସହଯୋଗ କରିଥିଲେ।



ଯାଦବ ବୁଦ୍ଧିଜୀବୀ ମଞ୍ଚର ଜିଲାସ୍ତରୀୟ ସମ୍ମିଳନୀ।

# ଆମ୍ବେଦକରବାଦ ହିଁ ଆଣିପାରିବ ସମାଜରେ ଏକତା

କର୍ଲାମୁଣ୍ଡା,୨୫।୬(ପ୍ରଦୀପ ସାହୁ)

**ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର କର୍ଲାମୁଣ୍ଡା ବ୍ଲକ କମିଟି ଗଠିତ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାଠାରେ ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଙ୍ଗଠନ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର ବ୍ଲକସ୍ତରୀୟ କମିଟି ଗଠନ ଓ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ସଭାପତି ଶ୍ରୀବସ୍ତ ତାଣ୍ଡି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ କୁମାର, ଉପସଭାପତି ଓମପ୍ରକାଶ ଛତ୍ରିଆ, ସଞ୍ଜୟ ମେହେର, କୋଷାଧକ୍ଷ ଦେବେନ୍ଦ୍ର ନାଏକ, ଉପଦେଷ୍ଟା ଯୋଗେଶ୍ୱର ସାଗର, ଏସ. ସୁଜାତା, ସାମାଜିକ ବିଭାଗ ମୁଖ୍ୟ ରେଣୁକା ଛତ୍ରିଆ, ଯୁବ ବିଭାଗ ମୁଖ୍ୟ ଚନ୍ଦନ ନାଏକ, ସଞ୍ଜୟ ସୁନାନୀ, କର୍ମଚାରୀ ବିଭାଗ ମୁଖ୍ୟ ବୈକୁଣ୍ଠ ବେମାଲ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁଶୀଲ କୁମାର ବାଗ, ମହିଳା ବିଭାଗ ଉପସଭାନେତ୍ରୀ ଲୀନା କୁମାର, ସମ୍ପାଦିକା ଉଷାରାଣୀ ବାଗ, ନକଟିଗୁଡ଼ା ସଭାନେତ୍ରୀ ଅହଲ୍ୟା ନାଏକ, ସଦସ୍ୟା ସୋନାଲୀ ଦୀପ, ସ୍ନେହଲତା ଦୁର୍ଗା ପ୍ରମୁଖ ଯୋଗ ଦେଇଥିଲେ। ସମଗ୍ର ବିଶ୍ୱରେ ଭାରତୀୟ ସମ୍ବିଧାନ ଓ ଏହାର ବିଧିବ୍ୟବସ୍ଥାକୁ ନେଇ କ୍ରମାଗତ ଆସ୍ଥା ବଢ଼ିବାରେ ଲାଗିଛି। ସେହିପରି ଭାବେ ଦେଶରେ ସମ୍ବିଧାନ ଓ ସମ୍ବିଧାନ ନିର୍ମାତା ବାବା ସାହେବ ଡ. ବି.ଆର୍ ଆମ୍ବେଡକରଙ୍କ ନୀତି ଓ ଆଦର୍ଶ ସର୍ବୋପରି ଆମ୍ବେଦକରବାଦ ହିଁ ସମାଜରେ ଏକତା, ଭାଇଚାରା ଓ ସମାନତା ଆଣିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଫେଡେରେଶନର କର୍ଲାମୁଣ୍ଡା ବ୍ଲକ ସଭାପତି ଭାବେ ବରୁଣ ସୁନା, ସାଧାରଣ ସମ୍ପାଦକ ଭାବେ ତ୍ରିଭୁବନ ନାଗ, ଉପସଭାପତି ଭାବେ ବରୁଣ ଛତ୍ରିଆ, ରାଷ୍ଟ୍ରପତି ସୁନା, ସଚ୍ଚିଦାନନ୍ଦ ନାଏକ, ଟିକି ବାଗ, ସହ ସମ୍ପାଦକ ଆନନ୍ଦ ନାଗ, ଯୁଗଳ ନାଗ, ଅଜୟ ମହାନନ୍ଦ, ରାଧେଶ୍ୟାମ ବାଗ, କୋଷାଧକ୍ଷ ଦଣ୍ଡପାଣି ନାଏକ, ଆଇନ ବିଭାଗ ମୁଖ୍ୟ ଭାବେ ଦଇତ କୁମାର ନାଏକ, ସାମାଜିକ ବିଭାଗ ମୁଖ୍ୟ ବିଶ୍ୱାମିତ୍ର ନାଗ, ଯୁବ ବିଭାଗ ସଭାପତି ଟୁନୁ ନନ୍ଦ, କର୍ମଚାରୀ ବିଭାଗ ମୁଖ୍ୟ ଶରତ ବାରିକ, ମିଡିଆ ବିଭାଗ ମୁଖ୍ୟ ଭାବେ ସତ୍ୟ ନାରାୟଣ କୁମାର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଫେଡେରେଶନର ବ୍ଲକ ମହିଳା ବିଭାଗରେ ହେମବନ୍ତୀ ନନ୍ଦ, କମଳିନୀ ନାଏକ, ବିନୋଦିନୀ ଛତ୍ରିଆ, ତେଜବତୀ ନାଗ, ପ୍ରେମ ବେବର୍ତ୍ତା, ଦୀପା ବାଗ, ସୌରୀ ସୁନା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ମଧୁସୂଦନ ବାଗ ସଭା ପରିଚାଳନା କରିଥିବାବେଳେ ସଚ୍ଚିଦାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ସମାବେଶରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଲହୁଣୀପଡ଼ା,୨୫।୬(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଠିଆବେର୍ଣ୍ଣା ଛକ ନିକଟରେ ରବିବାର ଅପରାହ୍ନରେ ଏକ ବୋଲେରୋ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ କଲେଇପୋଷ ପଞ୍ଚାୟତ କେନ୍ଦୁଡ଼ିହି ଗ୍ରାମର କେଦାର ନାୟକ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଏକ ବୋଲେରୋ ରାଉରକେଲାରୁ ଲହୁଣୀପଡ଼ା ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ବାଇକ୍‌କୁ ଧକ୍କା ଦେଇଥିଲା।

### ମାଉସୀ ମା' ମନ୍ଦିରରେ ଦିବ୍ୟାଙ୍ଗ ପିଲାଙ୍କ ଭଜନ ସନ୍ଧ୍ୟା

**ଲାଠିକଟା, ୨୫।୬(ରାମେଶ୍ୱର ଖାଡ଼ଙ୍ଗା):** ସାର ନଗରା ମାଉସୀ ମା' ମନ୍ଦିର ପରିସରରେ ରଥଯାତ୍ରା ଦିନଠାରୁ ପ୍ରତ୍ୟେକ ଦିନ ଭଜନ ସନ୍ଧ୍ୟା ପରିବେଷଣ କରାଯାଉଛି। ହେଲେ ରବିବାର ଭଜନ ସନ୍ଧ୍ୟା ଥିଲା ସବୁଠୁ ନିଆରା। ଲାଠିକଟା ରାଧାକୃଷ୍ଣ ଦିବ୍ୟାଙ୍ଗ ବିଦ୍ୟାଳୟ ପିଲାଙ୍କୁ ଭଜନ ଗାଇବାକୁ ସୁଯୋଗ ଦେଇଥିଲେ ମାଉସୀ ମା' ମନ୍ଦିର କମିଟିର ସଦସ୍ୟ। ଏହାକୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଉତ୍ତରାନନ୍ଦ ପାଖରେ ଭଜନ ଗାଇ ପିଲାମାନେ ନିଜକୁ ଧନ୍ୟମନେ କରିଛନ୍ତି। ଭଜନ ପରେ ପିଲାମାନେ ପ୍ରସାଦ ସେବନ କରିଥିଲେ। ସେମାନଙ୍କ ଯିବା ପାଇଁ ଗାଡ଼ିର ବନ୍ଦୋବସ୍ତ କରାଯାଇଥିଲା। ଏଭଳି ବ୍ୟବସ୍ଥା ଦେଖି ସାର ନଗରା ବାସି କମିଟି ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି।

### ଯାଦବ ଭବନ ନିର୍ମାଣ ପାଇଁ ସହାୟତା ଦାବି

**ଦେବଗଡ଼,୨୫।୬(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଜିଲା ସଦର ମହକୁମାରେ ଯାଦବ ଭବନ ନିର୍ମାଣ ନିମନ୍ତେ ଜାଗା ଏବଂ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗୋପାଳ ଚନ୍ଦ୍ରିକା ଯାଦବ ସମାଜ ପକ୍ଷରୁ ଦାବି କରାଯାଇଛି। ଜିଲା ଯାଦବ ସମାଜ, ଉଚ୍ଚସ୍ତରୀୟ କମିଟିର ସଭାପତି ଚେଣ୍ଡାଳ ଜାଲ ଓ ସମ୍ପାଦକ ତଥା ଉତ୍କଳ ଯାଦବ ମହାସଭାର ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଉଦାବରଙ୍କ ନେତୃତ୍ୱରେ ରିଆମାଳ ବ୍ଲକ ଗୋପାଳ ଚନ୍ଦ୍ରିକା ଯାଦବ ସମାଜ ସଭାପତି ଅରୁଣ ମାଟିଆରୀ, ସମ୍ପାଦକ ରତ୍ନାକର ବଗର୍ତ୍ତୀ, ବାରକୋଟ ବ୍ଲକର ଭୀମସେନ ନାୟକ, ଉପଦେଷ୍ଟା ପ୍ରାଣବନ୍ଧୁ ଖିଲାର ଓ ତିଲେଇବଣି ବ୍ଲକର ଭରତ ଉଦାବର ପ୍ରମୁଖ ବରଗଡ଼ ଜିଲାର ସୋହେଲାଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁଶାନ୍ତ ସିଂଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାରେ ୧୫ ହଜାର ଯାଦବ ପରିବାର ବସବାସ କରୁଥିଲେ ହେଁ କମ ରୋଜଗାର ଯୋଗୁ ସେମାନେ ଓ ସେମାନଙ୍କର ପିଲାମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବା ଉକ୍ତ ସ୍ମାରକ ପତ୍ରରେ ଦର୍ଶାଯାଇଛି। ଏଥିସହ ଜିଲା ସଦର ମହକୁମାରେ ଏକ ଯାଦବ ଭବନ ନିର୍ମାଣ ପାଇଁ ସରକାର ଆବଶ୍ୟକ ଯାଗା ଏବଂ ଅର୍ଥ ମଞ୍ଜୁର କଲେ ସେମାନେ ସମାଜର ସାଧାରଣ ସଭା, ବାର୍ଷୀକ ଉତ୍ସବ ଏବଂ ସମାଜର ଲୋକ କଳା ଲଉଡ଼ି ଖେଳର ବିକାଶ ହୋଇ ପାରିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।

# ମଦ ବିକ୍ରି ବନ୍ଦ ପାଇଁ ନିଷ୍ପତ୍ତି ନେଲେ ଗ୍ରାମବାସୀ

**ବଡ଼ଗାଁ,୨୫।୬(ଅଶୋକ ଷଡ଼ଙ୍ଗୀ)**


ମଦ ବିକ୍ରି ବନ୍ଦ ପାଇଁ ମହିଳାମାନେ ଶପଥ ନେଉଛନ୍ତି।

ମଦ ଯୋଗୁ ଗାଁ ଅଶାନ୍ତ ଓ ବିଶୃଙ୍ଖଳିତ ହୋଇଯାଇଛି। ସ୍କୁଲରେ ପଢୁଥିବା ପିଲାମାନେ ମଦ କବଳରେ ପଡ଼ିଲେଣି। ଗରିବ ପରିବାର ତଳିତଳାନ୍ତ ହେଲେଣି। ମଦ ବିକ୍ରି ଯଦି ବନ୍ଦ କରା ନ ଯାଏ ତେବେ ଆଗାମୀ ପିଢ଼ି ପାଇଁ ଆମେ ଦୋଷୀ ସାବ୍ୟସ୍ତ ହେବା। ଏଭଳି ବକ୍ତବ୍ୟ ରଖି ମଦ ବିକ୍ରିକୁ ଗାଁରେ ବନ୍ଦ କରିବା ପାଇଁ ରବିବାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଯାଜପୁର ଗ୍ରାମରେ ଆୟୋଜିତ ମଦ ବିରୋଧୀ ଅଭିଯାନ ସଭାରେ ଶତାଧିକ ମହିଳା ପୁରୁଷ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ଯାଜପୁର ଓ ଆଖପାଖ ପଡ଼ାଗ୍ରାମର ଶତାଧିକ ମହିଳା ପୁରୁଷ କୀର୍ତ୍ତନ ମଣ୍ଡପଠାରେ ସମବେତ ହୋଇଥିଲେ। ଏହି ସଭାରେ ଗାଁର ଗୌଣ୍ଟିଆ ଜିତ ଚନ୍ଦ୍ର ସା, ଉପେନ୍ଦ୍ର ପୃଷେଟ, ସରପଞ୍ଚ ଗୋବର୍ଦ୍ଧନ ହାହା, ସମିତି ମେମ୍ବର ପ୍ରଭା ଡୁଙ୍ଗଡୁଙ୍ଗ, ତ୍ରିଲୋକି ଦାସ, ଶରତ କୁମାର ପୃଷେଟଙ୍କ ସହ ଏନ୍‌ଜିଓ କର୍ମକର୍ତ୍ତା ଅତିଥିଭାବେ ଯୋଗଦେଇଥିଲେ। ଗୌଣ୍ଟିଆ ଜିତ ଚନ୍ଦ୍ର ସା କହିଥିଲେ, ସ୍ୱର୍ଗତ ଠାକୁର ସା ଗୌଣ୍ଟିଆ ଥିଲାବେଳେ ୧୯୫୮ ମସିହା ପର୍ଯ୍ୟନ୍ତ ଗାଁରେ ମଦ ପ୍ରଚଳନ ନ ଥିଲା। ୧୯୬୦ରୁ ଗାଁରେ ମଦ ବିକ୍ରି ଆରମ୍ଭ ହୋଇଥିଲା। ମାତ୍ର କିଛି ବର୍ଷ ମଧ୍ୟରେ ଗାଁର ଅଧିକାଂଶ ପରିବାର ସର୍ବସ୍ୱାନ୍ତ ହୋଇଯାଇଥିଲେ। ମଦ ପିଇବା ପାଇଁ ଲୋକେ ଘରର ବିଭିନ୍ନ ସାମଗ୍ରୀ ଓ ଜମିବାଡ଼ି ବିକ୍ରି କରିଦେଉଥିଲେ। ବର୍ତ୍ତମାନ ସେହିପରି ପରିସ୍ଥିତି ଦେଖାଦେଇଛି। ସମସ୍ତଙ୍କ ସହଯୋଗ ରହିଲେ ମଦ ବନ୍ଦ କରି ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହାଣ୍ଡିଆ ବିକ୍ରି ବନ୍ଦ ହେଲେ ଗାଁ ପୂର୍ବଭଳି ଶାନ୍ତ ଓ ଶୃଙ୍ଖଳିତ ହୋଇପାରିବ ବୋଲି ଉପେନ୍ଦ୍ର ପୃଷେଟ ମତ ରଖିଥିଲେ। ସରପଞ୍ଚ ଗୋବର୍ଦ୍ଧନ ହାହା କହିଥିଲେ, ଛୋଟ ପିଲାମାନେ ମଦ, ହାଣ୍ଡିଆ ପିଉଥିବା ଶୁଣାଯାଉଛି। ହେଲେ ବୟସ୍କ ବ୍ୟକ୍ତିମାନେ ପ୍ରଥମେ ବୁଝିବା ଆବଶ୍ୟକ। ବୟସ୍କ ବ୍ୟକ୍ତି ମଦ ପିଇବା ଛାଡ଼ିଲେ ଛୋଟପିଲା ପିଇବାକୁ ସାହସ କରିବେ ନାହିଁ। ଗାଁର ମାତ୍ର ୧୦ଟି ପରିବାର ମଦ ବିକ୍ରି କରୁଛନ୍ତି, ତାଙ୍କୁ ୩୦୦ ପରିବାର ବନ୍ଦ କରିବା କଷ୍ଟକର ନୁହେଁ। ଏଥିପାଇଁ ସମସ୍ତଙ୍କ ସହଯୋଗ ଦରକାର। ଯଦି କେହି ଅମାନ୍ୟ କରି ମଦ ବିକ୍ରି କରେ ତେବେ ତାଙ୍କୁ ସରକାରୀ ସୁବିଧାରୁ ବାଦ୍ କରିଦିଆଯିବ। ସମିତି ସଭ୍ୟା ପ୍ରଭା ଡୁଙ୍ଗଡୁଙ୍ଗ କହିଥିଲେ, ମଦ ବନ୍ଦ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବାକୁ ପଡ଼ିବ। ଲୋକେ ମଦକୁ ପେଟ ପୋଷିବାର ବେପାର କରିଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ସେହିପରି ଉପସ୍ଥିତ ଅନ୍ୟ ଅତିଥିମାନେ ଗାଁରେ ମଦ ବିକ୍ରି ଯୋଗୁ ଦେଖାଦେଉଥିବା ବିଶୃଙ୍ଖଳା ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଭାରେ ସର୍ବସମ୍ମତିକ୍ରମେ ମଦ ବିରୋଧୀ ଅଭିଯାନ କମିଟି ଗଠନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ, ସମିତି ମେମ୍ବର, ଦୟାନନ୍ଦ ମଙ୍ଗର, ଶିବଲାଲ କିଷାନ, ସୁଶୀଲା କିଷାନ, ରବୀନ୍ଦ୍ର ସା, ବାସନ୍ତୀ ପୃଷେଟ, ରଶ୍ମିତା ଡନସନାଙ୍କ ସହ ମୋଟ ୨୦ ଜଣଙ୍କୁ ନେଇ କମିଟି ଗଠନ ହୋଇଥିଲା। ଏହି କମିଟି ଗାଁ ଓ ପଡ଼ାଗ୍ରାମରେ ହେଉଥିବା ମଦ ବିକ୍ରି ଉପରେ ନଜର ରଖିବ ଓ ମଦବିକ୍ରି କଲେ ବିକ୍ରେତାଙ୍କୁ କମିଟି ଦ୍ୱାରା ଦଣ୍ଡିତ କରାଯିବ। କମିଟି ଗଠନ ହେଲାପରେ ସମସ୍ତ ଗ୍ରାମବାସୀ ମଦ ବିକ୍ରି ବନ୍ଦ କରିବା ପାଇଁ ଶପଥ ନେଇଥିଲେ। ରଶ୍ମିତା ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦୟାନନ୍ଦ ମଙ୍ଗର ମଞ୍ଚ ପରିଚାଳନା କରିଥିଲାବେଳେ ହୃଦାନନ୍ଦ ଡନସନା ଧନ୍ୟବାଦ ଦେଇଥିଲେ।

# ଖେଳାଳି ଚୟନରେ ସୁନ୍ଦରଗଡ଼ର ଉତ୍କୃଷ୍ଟ ପ୍ରଦର୍ଶନ

**ସୁନ୍ଦରଗଡ଼,୨୫।୬(ଜୟନାରାୟଣ ମେଣ୍ଟୁଲି)**






ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍‌ରେ ଓଡ଼ିଶା ଆମାଚୁର୍ ବକ୍ସିଂ ଆସୋସିଏଶନ୍ ଆନୁକୂଲ୍ୟରେ ଜୁନ୍ ୨୪ ଓ ୨୫ରେ ଚାଲିଥିବା ଷଷ୍ଠ କନିଷ୍ଠ ଓ ଉପକନିଷ୍ଠ ବାଳିକା ଓ ବାଳକ ଚୟନ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ମୁଷ୍ଟିଯୁଦ୍ଧ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ସଫଳ ହୋଇଥିବା ଖେଳାଳି ଆସନ୍ତା ଜାତୀୟ ସ୍ତରୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ରାଜ୍ୟ ଦଳରେ ସାମିଲ ହେବେ। କନିଷ୍ଠ ଦଳ ଜୁଲାଇ ୮ରୁ ୧୪ ଯାଏଁ ଇଟାନଗରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉପ କନିଷ୍ଠ ଦଳର ଗୁଡ଼ି କିଷାନ (୫୦–୫୨ କି.ଗ୍ରା) ବର୍ଗରେ ସ୍ୱର୍ଣ୍ଣ, ପୁନମ ବାରିକ (୪୨–୪୪ କି. ଗ୍ରା) ଓ ହାର୍ଦ୍ଦିକ କବି( ୬୧–୬୪ କି. ଗ୍ରା) ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି କନିଷ୍ଠ ବର୍ଗରେ ବିଦ୍ୟା ନାଏକ (୫୨–୫୪ କି.ଗ୍ରା), ଶୁଭ୍ରାଂଶୁ ନାଥ (୫୪–୫୭ କି.ଗ୍ରା) ଓ ଆୟୁଷ ମୁଣ୍ଡା (୮୦+ କି.ଗ୍ରା) ସ୍ୱର୍ଣ୍ଣ, ସ୍ଟିଟି ସାରୋନ ତିର୍କି (୫୦–୫୨ କି.ଗ୍ରା) ଓ ଭାରତୀ ଧନ୍ୱାର (୪୮–୫୦ କି.ଗ୍ରା) ରୌପ୍ୟ, ପ୍ରକାଶ ଡୁଙ୍ଗଡୁଙ୍ଗ (୪୬–୪୮ କି.ଗ୍ରା) ଓ ଅନୁଜ ଅସ୍ମିତ ତିର୍କୀ (୫୨–୫୪ କି.ଗ୍ରା)ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଖେଳାଳୀମାନଙ୍କ ଏହି ଅଭୂତପୂର୍ବ ସଫଳତା ପାଇଁ ସମ୍ପାଦକ ଭୋଳ ସଂସଦ ତରଫରୁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସୁନ୍ଦରଗଡ଼ ଜିଲା କ୍ରୀଡ଼ାପ୍ରେମୀ ଏହି ସଫଳତା ପାଇଁ ସମସ୍ତ ଖେଳାଳି, ମ୍ୟାନେଜର, ପ୍ରଶିକ୍ଷକଙ୍କୁ ସାଧୁବାଦ ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ ସାମିଲ ହୋଇଥିବା ଦଳକୁ ସୁଭଦ୍ରା ସିଂହ ଓ ବନମାଳୀ ସୁନାନି ଚୟନ କରିଥିଲେ। ଏହି ଦଳ ସହିତ ଏମ୍.ଡି ନକି ରାଜା ଓ ଅର୍ପିତା ପାତ୍ର ମ୍ୟାନେଜର ଏବଂ ପ୍ରଶିକ୍ଷକ ରୂପକ ପ୍ରସାଦ ରହିଥିଲେ। ଏହି ଅଭୂତପୂର୍ବ ସଫଳତା ପାଇଁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ବକ୍ସିଂ ସମ୍ପାଦକ ଅରବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ବହିଦାର, ଉପସଭାପତି ପୌଷଚନ୍ଦ୍ର ପଟେଲ ଓ ରାଧାମୋହନ ନାଏକ ତଥା ସଦସ୍ୟ ବିମଳ ବୋଷ ଏବଂ ବିଶ୍ୱରଞ୍ଜନ ହୋତା ସମସ୍ତ ଖେଳାଳି, ମ୍ୟାନେଜର ଓ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଦୌଡ଼,ବାଧାଦୌଡ଼ରେ ଦେବଗଡ଼ର ସଫଳତା

**ଦେବଗଡ଼,୨୫।୬(ଶଶାଙ୍କ ଶେଖର ଝାଙ୍କର):** ଭୁବନେଶ୍ୱରସ୍ଥିତ କିଟ୍–କିସ ପରିସରରେ ଜୁନ ୨୨ରୁ ଆରମ୍ଭ ହୋଇଥିବା ୬୯ତମ ଓଡ଼ିଶା ରାଜ୍ୟ ଆଥେଲେଟିକ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦିନରେ ୩ ହଜାର ମିଟର ଦୌଡ଼ ଓ ୨ ହଜାର ବାଧା ଦୌଡ଼ (ଷ୍ଟିପ ଚେଜ)ରେ ଦେବଗଡ଼ ଜିଲାର ପ୍ରତିଯୋଗୀଙ୍କୁ ସଫଳତା ମିଳିବା ସହ ସେମାନେ ପଦକ ଜିଣିଥିବା ଜଣାପଡ଼ିଛି। ୧୮ ବର୍ଷରୁ କମ ବାଳିକା ବର୍ଗ ୨ହଜାର ମିଟର ବାଧା ଦୌଡ଼ ପ୍ରତିଯୋଗିତାରେ ନିଶା ବାରିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୧୮ ବର୍ଷରୁ କମ (ଅଣ୍ଡର–୧୮) ବାଳକ ବର୍ଗ ୩ ହଜାର ମିଟର ଦୌଡ଼ ପ୍ରତିଯୋଗିତାରେ ଜିତ ବାରିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ପ୍ରତିଯୋଗୀଙ୍କ ଏଭଳି ସଫଳତା ପାଇଁ ସେମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

**୬୯ତମ ଓଡ଼ିଶା ରାଜ୍ୟ ଆଥ୍ଲେଟିକ୍ ମିଟ୍**

# ୬୪ ଦିନରେ ଉଦ୍‌ଯାପିତ ହେଲା ଜଳଛତ୍ର

**ସୁନ୍ଦରଗଡ଼,୨୫।୬(ଜୟନାରାୟଣ ମେଣ୍ଟୁଲି) :** ସୁନ୍ଦରଗଡ଼ ଷ୍ଟାଡିୟମ ସମ୍ମୁଖରେ ଏପ୍ରିଲ ୨୧ରୁ ନିରବଚ୍ଛିନ୍ନଭାବେ ପଥଚାରୀ ତଥା ତୃଷାର୍ତ୍ତଙ୍କ ତୃଷ୍ଣା ନିବାରଣ କରି ଆସୁଥିବା ଜଳଛତ୍ର ଓ ସରବତ ବଣ୍ଟନ କାର୍ଯ୍ୟକ୍ରମ ୬୪ଦିନରେ ଉଦ୍‌ଯାପିତ ହୋଇଯାଇଛି। ଏଠାରେ ଶୀତଳ ପାନୀୟଜଳ ସହିତ ବିଭିନ୍ନ କିସମର ସରବତ ପ୍ରତିଦିନ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପାଖାପାଖି ୮୦୦ ଲିଟର ନିଃଶୁଳ୍କ ବଣ୍ଟନ କରାଯାଉଥିଲା। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଜିଲା କ୍ରିଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ଓ ଗଣମାଧ୍ୟମ ପ୍ରତିନିଧି ଡମ୍ବରୁଧର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ସୁଦର୍ଶନ ଭଇଁଷାଲ, ରାଜା ପଟ୍ଟନାୟକ, ବିଜୁ ମହାରଣା, ରାଜେନ୍ଦ୍ର ପଣ୍ଡା, ଚିଣ୍ଟୁ ରକ୍ସା, ଦେବେନ୍ଦ୍ର ସାହୁ, ସୁମନ୍ତ ମହାପାତ୍ର, ଜ୍ୟୋତି ବିଶ୍ୱାଳ, ସମୀର ପଟ୍ଟନାୟକ, ଦେବାଶିଷ ଦାସ, ମଣ୍ଟୁ ମିଶ୍ର, ମନୋଜ ଲେଙ୍କା ଉପସ୍ଥିତ ରହି ସହଯୋଗ କରୁଥିଲେ। ବିପିନ ତ୍ରିପାଠୀ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନ ଅଧ୍ୟକ୍ଷ ସଞ୍ଜୟ ନନ୍ଦ, ନୀରଜ ଅଗ୍ରୱାଲ, ଉମେଶ ପୋଦ୍ଦାର, ଶ୍ରୀକାନ୍ତ ସାହୁ, ପ୍ରଦୀପ ଦତ୍ତ, ବିଜୟ ହୋତା, ଦଶରଥ ମିଶ୍ର, ସୁମନ୍ତ ସାହୁ, ରଞ୍ଜିତ ପୋଢ଼, ପ୍ୟାରି ମହାନନ୍ଦିଆ, ବୁଲୁ ଦାସ, ବୁବୁ ଧଳ, ବିଭୂତି ଭୂୟାଁ, ରାଜକିଶୋର ଷଡ଼ଙ୍ଗୀ, କାହ୍ନା ତ୍ରିପାଠୀ, ବିଟି ପୁରୋହିତ, ସମ୍ଭୁ ପାଢ଼ୀ, ଅଭିନବ କର, ଅବଦୁଲ ସାଜିଦ, ପ୍ରଶାନ୍ତ ମହନ୍ତ, ପିତାମ୍ବର ଶେଖର ଦେଓ, ପ୍ରିୟଙ୍କା ଜେନା, ଶେଷଦେବ ପଣ୍ଡା, ଅବସର ପ୍ରାପ୍ତ ବରିଷ୍ଠ ନାଗରିକ ସଂଘର ସହଯୋଗରେ କାର୍ଯ୍ୟକ୍ରମ ଚାଲିଥିଲା। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଛନ୍ତି।

# ମୌସୁମୀ ବର୍ଷାରେ ବେହାଲ ସୁନ୍ଦରଗଡ଼

**ସୁନ୍ଦରଗଡ଼,୨୫।୬(ଜୟନାରାୟଣ ମେଣ୍ଟୁଲି)**

ସାରା ରାଜ୍ୟରେ ମୌସୁମୀ ସକ୍ରିୟ ହେବାପରେ ବିଭିନ୍ନ ଜିଲାରେ ବର୍ଷା ହେଉଛି। ଏହି କ୍ରମରେ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହୋଇଛି। ଅସହ୍ୟ ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି ସହରବାସୀ। ପହିଲି ମୌସୁମୀ ବର୍ଷାରେ ବେହାଲ ହୋଇଛି ସହର। ଡ୍ରେନଜ ବ୍ୟବସ୍ଥା ଠିକ୍ ନ ଥିବା ଓ ବର୍ଷା ପୂର୍ବରୁ ଡ୍ରେନ ସଫେଇ କାର୍ଯ୍ୟ ସୂଚାରୁ ରୂପେ ହୋଇ ନ ପାରିଥିବାରୁ ଅନେକ ସ୍ଥାନରେ ବର୍ଷା ଜଳ ଘର ଭିତରେ ପଶି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲାରେ ରବିବାର ସକାଳ ସୁଦ୍ଧା ମୋଟ ୫୪.୭୩୫ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଜିଲାର ୧୭ ବ୍ଲକ ମଧ୍ୟରୁ ହେମଗିର ବ୍ଲକରେ ସର୍ବାଧିକ ୧୪୦.୪ ମିଲିମିଟର ବର୍ଷା ହୋଇଛି। ଏଥିସହ ଟାଙ୍ଗରପାଲି ବ୍ଲକରେ ୮୫.୪, ସୁନ୍ଦରଗଡ଼ରେ ୮.୪ମିମି, ଲେଫ୍ରିପଡ଼ାରେ ୪୨.୩ମିମି, ସବ୍‌ଡେଗାରେ ୫୭ମିମି, ବାଲିଶଙ୍କରାରେ ୧୬.୧ମିମି, ବଡ଼ଗାଁରେ ୭୮ମିମି, କୁତ୍ରାରେ ୪୨ମିମି, ରାଜଗାଙ୍ଗପୁରରେ ୩୫ମିମି, କୁଆରମୁଣ୍ଡାରେ୨୯.୨, ନୂଆଗାଁରେ୧୮.୩ ମିମି, ବିଶ୍ରାରେ ୨୯.୪, ଲାଠିକଟାରେ ୬୩ମିମି,ବଣାଁଇରେ ୫୮ମିମି, ଲହୁଣୀପଡ଼ାରେ ୪୦ମିମି, ଗୁରୁଣ୍ଡିଆରେ ୩୮ମିମି ଏବଂ କୋଇଡ଼ାରେ ୬୯ମିମି ବର୍ଷା ରେକର୍ଡ ହୋଇଛି।

# ୨୭ରେ ପୁରାତନ ଛାତ୍ର ସଂଘର ସଚେତନତା କାର୍ଯ୍ୟକ୍ରମ



ବୈଠକରେ ଉପସ୍ଥିତ ପୁରାତନ ଛାତ୍ର।

**ସୁନ୍ଦରଗଡ଼,୨୫।୬(ଜୟନାରାୟଣ ମେଣ୍ଟୁଲି) :** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ ଏକକ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦାବି ନେଇ ଆସନ୍ତା ୨୭ରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ଶାନ୍ତି ପୂର୍ଣ୍ଣ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବ। ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ମହାବିଦ୍ୟାଳୟଠାରେ ଶନିବାର ପୁରାତନ ସଂଘର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସଂଘ ସଭାପତି ଡ.ଚିରବ୍ରତ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ଏହି ପୁରାତନ ଓ ଐତିହ୍ୟ ସମ୍ପନ୍ନ ମହାବିଦ୍ୟାଳୟକୁ ଏକକ ବିଶ୍ୱ ବିଦ୍ୟାଳୟର ମାନ୍ୟତା ପ୍ରଦାନ ଦିଗରେ ସରକାର ଯଥାଶୀଘ୍ର ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ବୈଠକରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ, ପୁରାତନ ଛାତ୍ରୀ ଡ.କୁମୁଦିନୀ ରାଉତରାୟ, ହରିଶଚନ୍ଦ୍ର ପଟେଲ, ଗୋବିନ୍ଦ ସୁଆର, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରଭାତ ଭୋଳ, ଶରତେନ୍ଦୁ ମହାପାତ୍ର, ପଞ୍ଚା ବାର୍ଲା, ରାଜେନ୍ଦ୍ର ପଟେଲ, ସୁସ୍ମିତା ଯୋଶୀ, ପ୍ରଦୀପ ମହାପାତ୍ର, ନରେନ୍ଦ୍ର କୁମାର ସିଂହ, ବିଭୁଦେନ୍ଦ୍ର ଠାକୁର, ପ୍ରଦୀପ ବହିଦାର, ଆଞ୍ଜେଲିନା କିଣ୍ଡୋ, ସଞ୍ଜୀବ କୁମାର ରାୟ, ପ୍ରଣବ କୁମାର ସିଂହ ଯୋଗ ଦେଇଥିଲେ।

**ଏକକ ବିଶ୍ୱବିଦ୍ୟାଳୟ ଦାବି**

# ବିନା ବଳିରେ ହେଲା ଦେମୁଲ ପୂଜା


ଦେମୁଲ ପୂଜାରେ ଉପସ୍ଥିତ ଗ୍ରାମବାସୀ

**ସବ୍‌ଡ଼େଗା,୨୫।୬(ଅନନ୍ତ ପଟେଲ)**

ସୁନ୍ଦରଗଡ଼ ଜିଲା ସବଡ଼େଗା ବ୍ଲକ କଇଁସରା ଗ୍ରାମରେ ଦେମୁଲ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଚାଷକାର୍ଯ୍ୟ ଏବଂ ଫସଲ ଆମଦାନୀ ଭଲ ହେବା, ଗ୍ରାମକୁ ଆସୁଥିବା ବିପତ୍ତି ଓ ମହାମାରୀରୁ ରକ୍ଷା କରିବା ପାଇଁ ଏହି ପୂଜା କରାଯାଇଥାଏ। ଅନେକ ଗ୍ରାମରେ ଗ୍ରାମଦେବୀଙ୍କ ପୂଜାରେ ବୋଦା, କୁକୁଡ଼ା ବଳି ଦିଆଯାଏ। କିନ୍ତୁ ଗତବର୍ଷ କଇଁସରାଗ୍ରାମରେ ବଳି ପ୍ରଥାକୁ ବନ୍ଦ କରି ଦିଆଯାଇଥିଲା, ଏବଂ ଗ୍ରାମର ମଙ୍ଗଳ ହୋଇଥିଲା। ଏହାଦେଖି ଚଳିତବର୍ଷ ମଧ୍ୟ ଗ୍ରାମଦେବୀଙ୍କୁ କେବଳ ଫୁଲ ନଡ଼ିଆ ଦେଇ ପୂଜା କରାଯାଇଥିଲା। ଏଥିପାଇଁ କଇଁସରାବାସୀ ସମସ୍ତଙ୍କୁ ବଳିପ୍ରଥା ବନ୍ଦକରିବାକୁ ଅନୁରୋଧ କରିଛନ୍ତି। ଏଥିରେ ନନ୍ଦକୁମାର ଖୁଣ୍ଟିଆ ଗଉନ୍ତିଆଙ୍କ ଉପସ୍ଥିତିରେ କାଲୋ ଶୁକ୍ରୁ ଟପ୍ପୋ ପୂଜାକାର୍ଯ୍ୟ ତୁଲାଇଥିଲେ।

# ବୀରମିତ୍ରପୁର ବିଧାନସଭା କ୍ଷେତ୍ରରେ ଭାଜପାର ମହା ଜନସମ୍ପର୍କ ଯାତ୍ରା

**କୁଆଁରମୁଣ୍ଡା,୨୫।୬(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ବିଧାନସଭା କ୍ଷେତ୍ରରେ ଭାଜପାର ମହାଜନସମ୍ପର୍କ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏହି ଯାତ୍ରାର ନେତୃତ୍ୱ ନେଇଥିଲେ। ସାଂସଦ ଓରାମ ପାନପୋଷ ବଜାରରେ ମହାଜନସମ୍ପର୍କ ଯାତ୍ରା କରିବା ପରେ କୁଆଁରମୁଣ୍ଡା ଲୋକନାଥ ମନ୍ଦିର ନିକଟ ଦଳୀୟ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ନେତୃବର୍ଗ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ କୁଆଁରମୁଣ୍ଡା ବଜାରରୁ ପ୍ରାୟ ଦେଢ଼ କି.ମି ପର୍ଯ୍ୟନ୍ତ ପଦଯାତ୍ରା କରି ଲୋକଙ୍କୁ ମୋଦି ସରକାରଙ୍କ ୯ ବର୍ଷର ସୁଶାସନ ବିଷୟରେ ଅବଗତ କରାଇବା ସହ ଜନସମ୍ପର୍କ ଯାତ୍ରା ସମ୍ପର୍କିତ ଲିଫଲେଟ ବାଣ୍ଟିଥିଲେ। ଏହି ସମୟରେ ଭାରତ ସରକାରଙ୍କ ନୀତି, ବିକାଶମୂଳକ ଯୋଜନା, ଭିତ୍ତିଭୂମି ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଓଡ଼ିଆ ଲୋକଙ୍କୁ ଜାତୀୟ ସ୍ତରରେ ସ୍ୱୀକୃତି ପ୍ରଦାନ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ପ୍ରାଧାନ୍ୟ ଦେଇଛନ୍ତି ସେ ସମ୍ପର୍କରେ ମଧ୍ୟ ସାଧାରଣ ଲୋକଙ୍କୁ ସାଂସଦ ଓରାମ ଅବଗତ କରାଇଥିଲେ। କୁଆଁରମୁଣ୍ଡାରେ ଏହି ଯାତ୍ରା ଶେଷ ହେବାପରେ ବୀରମିତ୍ରପୁର ପୌରାଞ୍ଚଳରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ସେଠାରୁ ନୂଆଗାଁ ବ୍ଲକର ହାତୀବାରି, ପୁରୁଣାପାଣିରେ ମଧ୍ୟ ସାଂସଦ ଓରାମ ଏହି ଜନସମ୍ପର୍କ ଯାତ୍ରା କରିଥିଲେ। ସାଂସଦଙ୍କ ସହ ଭାଜପା ନେତ୍ରୀ ପୂର୍ଣ୍ଣିମା କେର୍କେଟା, ବରିଷ୍ଠ ନେତା ସଞ୍ଜୀବପ୍ରତାପ ସିଂଦେଓ, ହଳପାଣି ମାଝି, ରୀନା ମେହେର, ବାନ୍ଧନା ବେକ୍, ଦିଲୀପ ପଟେଲ, ମନୋଜ ବାର୍ଲା ପ୍ରମୁଖଙ୍କ ସହ ବହୁ ଭାଜପା ନେତା ସାମିଲ ହୋଇ ମୋଦି ସରକାରଙ୍କ ୯ ବର୍ଷର ସଫଳତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।



ମହାଜନସମ୍ପର୍କ ଯାତ୍ରାରେ ସାଂସଦ ଲୋକଙ୍କୁ ଲିଫଲେଟ୍ ବାଣ୍ଟୁଛନ୍ତି।

# ସୁନ୍ଦରଗଡ଼ବାସୀଙ୍କ ଦୀର୍ଘଦିନର ଦାବି ହେବ ପୂରଣ

**ଇବ୍ ନଦୀରେ ହେବ ରିଂ ରୋଡ ନିର୍ମାଣ**

**ସୁନ୍ଦରଗଡ଼,୨୫।୬(ଜୟନାରାୟଣ ମେଣ୍ଟୁଲି)**


ଜଳସେଚନ ବିଭାଗର ତତ୍କାଳୀନ ମୁଖ୍ୟଯନ୍ତ୍ରୀ ଅକ୍ଷୟ ବାନାର୍ଜୀଙ୍କ ସହ ବିଧାୟିକା କୁସୁମ ଟେଟେ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ଼ବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବ। ଇବ୍ ନଦୀରେ ରିଂ ରୋଡ ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। ସହରରେ ଟ୍ରାଫିକ ସମସ୍ୟା, ବନ୍ୟା ସମସ୍ୟା ଓ ସବଡ଼େଗା ବ୍ଲକକୁ ଗମନାଗମନ ନେଇ ବନ୍ଧପାଲିଠାରୁ ରାଜ୍ୟ ରାଜପଥ ୧୦ନଂ ଭୋଜପୁର ପର୍ଯ୍ୟନ୍ତ ରିଂ ରୋଡ ନିର୍ମାଣ ପାଇଁ ଦୀର୍ଘବର୍ଷ ହେଲା ସୁନ୍ଦରଗଡ଼ବାସୀ ତଥା ସ୍ଥାନୀୟ ବୁଦ୍ଧିଜୀବୀ, ରାଜନେତା, ପୂର୍ବତନ ବିଧାୟକ ଦାବି କରି ଆସୁଥିଲେ ମଧ୍ୟ ଏହା କେବଳ କାଗଜକଲମରେ ସୀମିତ ରହିଥିଲା। ୨୦୧୯ରେ ବିଧାୟିକା କୁସୁମ ଟେଟେ ଏ ନେଇ ତତ୍କାଳୀନ ଜିଲାପାଳଙ୍କ ନିକଟରେ ଇବ୍ ନଦୀ ଉପରେ ରିଂ ରୋଡ ନିର୍ମାଣ ଜିଲା ଖଣିଜ ପାଣ୍ଠିରୁ କରିବାକୁ ଦାବି କରିବା ସହ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଅବଗତ କରିଥିଲେ। ହେଲେ ଏହାର ନିର୍ମାଣ ନେଇ ସରକାରଙ୍କ ତରଫରୁ କୌଣସି ସବୁଜ ସଙ୍କେତ ମିଳି ନ ଥିଲା। ପରେ ସଚିବ ସ୍ତରରେ ବିଧାୟିକା ଆଲୋଚନା କରିଥିଲେ। ହେଲେ ସେତେବେଳେ କେତେ ଗୁଡ଼ିଏ ବିସ୍ଥାପିତ ସମସ୍ୟା ରହିଥିବାରୁ ଏହା ସମ୍ଭବ ହୋଇ ପାରୁ ନ ଥିବା ବିଧାୟିକା କୁସୁମଙ୍କୁ ସୂଚନା ଦିଆ ଯାଇଥିଲା। ପରେ ୨୦୧୯–୨୦ରେ ଜଳସେଚନ ବିଭାଗର ତତ୍କାଳୀନ ମୁଖ୍ୟଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀଙ୍କୁ ବିଧାୟିକା କୁସୁମ ଟେଟେ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ବରିଷ୍ଠ ନାଗରିକ ପରିତୋଷ ପଟ୍ଟନାୟକ, ଇଂ ଦିଲୀପ ପଟେଲ ଭେଟି ନଦୀ ମଝିରେ ଖମ୍ବ ଦେଇ ବ୍ରିଜ ସହ ରିଂ ରୋଡ ନିର୍ମାଣ ନେଇ ଆଉ ଏକ ନୂତନ ପ୍ରସ୍ତାବ ଦେଇଥିଲେ। ଅନୁରୂପଭାବେ ୨୦୨୧ରେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ମନୋରଞ୍ଜନ ମିଶ୍ରଙ୍କୁ ଭେଟି ରିଂ ରୋଡ ନିର୍ମାଣ ନେଇ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ଅଗ୍ରଗତି ନେଇ ଚଳିତ ମାସ ୨୩ତାରିଖରେ ଟାଙ୍ଗରପାଲି ବ୍ଲକ ରତନପୁରରେ ଏହାର ଜନଶୁଣାଣି କରାଯାଇଥିଲା। ଏହାକୁ ଅଞ୍ଚଳବାସୀ ପୂର୍ଣ୍ଣ ସମର୍ଥନ ଦେଇଥିଲେ। ସୁନ୍ଦରଗଡ଼ବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି।

## ସଂକ୍ଷେପରେ

### ଅନୁଦାନ ସତ୍ତ୍ୱେ ପ୍ରକଳ୍ପ ଅଟକିବା ନେଇ ଗର୍ଜିଲେ ନରସିଂହ

**ବଲାଙ୍ଗୀର,୨୫।୬(ବୀରେନ୍ଦ୍ର କୁମାର ଝାଙ୍କର):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ଯୋଗଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କିଭଳି ବଲାଙ୍ଗୀରରେ କାର୍ଯ୍ୟକାରୀ କରିବା ଦିଗରେ ଖୋଦ୍ ଶାସକ ଦଳ ଓ ସରକାରୀ କଳ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି କହିଥିଲେ। ସ୍ଥାନୀୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଭିଡିଓ କନ୍‌ଫରେନ୍ସ ମାଧମରେ ବିଧାୟକ ମିଶ୍ର ରାଜ୍ୟସ୍ତରୀୟ ବିପର୍ଯ୍ୟୟ କମିଟି ବୈଠକରେ ଯୋଗଦାନ କରିଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ବଲାଙ୍ଗୀରରେ ବିପର୍ଯ୍ୟୟ ପରିଚାଳନା ପାଇଁ ସରକାରଙ୍କ ଠାରୁ ଲଢେଇ କରି ଅନେକ ଅନୁଦାନ ଅଣା ଯାଇଛି। ମାତ୍ର ଠିକଣା ସମୟରେ ତାହା କାର୍ଯ୍ୟକାରୀ କରିବା ଦିଗରେ ସରକାରୀ କଳର ଆନ୍ତରିକତା ନାହିଁ। ଗନ୍ଧରେଲ ଡ୍ୟାମ ପାଣିରେ ୨୦୧୯ ମସିହାରେ ଲକ୍ଷ୍ମୀଯୋର ଉଚ୍ଛୁଳି ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଏଭଳି ଅସୁବିଧାକୁ ଆଖି ଆଗରେ ରଖି ଲକ୍ଷ୍ମୀଯୋରରେ ବନ୍ୟା ପ୍ରତିରୋଧକ ଆଡିବନ୍ଧ, ଉଭୟ କଡରେ ରାସ୍ତା ଓ ନାଳ ସହ ଗନ୍ଧରେଲ ଡ୍ୟାମର ମରାମତି ଓ ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଅନୁଦାନ ଅଣାଯାଇଛି। କିନ୍ତୁ ସରକାର ଦେଉଥିବା ଅନୁଦାନ ପ୍ରଶାସନିକ ଅବହେଳା ଯୋଗୁ ଖର୍ଚ୍ଚ ହୋଇପାରୁନାହିଁ। ଆଗକୁ ବର୍ଷା ଦିନେ ପୁଣି ଥରେ ରେକର୍ଡ ପରିମାଣର ବର୍ଷା ହେଲେ ବଲାଙ୍ଗୀରରେ ଯେ ଏକ ବଡ ବିପର୍ଯ୍ୟୟ ସୃଷ୍ଟି ନ ହେବ ତାହା କିଏ କହି ପାରିବ ବୋଲି ବିଧାୟକ ପ୍ରଶ୍ନ କରିଥିଲେ। କେବଳ ପ୍ରଶାସନିକ ଅବହେଳା ନୁହେଁ, ଏଥିରେ ସ୍ଥାନୀୟ ସରକାରୀ ଦଳର ବଡପଣ୍ଡାମାନେ ମଧ ବିପର୍ଯ୍ୟୟ ପରିଚାଳନା ପାଇଁ ଆସିଥିବା ଅର୍ଥ ବିନିଯୋଗ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଗତବର୍ଷର ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ବଲାଙ୍ଗୀର ପାଇଁ ପଚରା ଯାଇଥିବା ପ୍ରଶ୍ନର ବିଭାଗ ପକ୍ଷରୁ ଦିଆଯାଇଥିବା ଉତ୍ତର ସମ୍ପୂର୍ଣ୍ଣ ମନଗଢା ଓ ମିଥ୍ୟା ଅଟେ ବୋଲି ସେ କହିଥିଲେ।

### କୋସଲୀ ଭାଷା, ସଂସ୍କୃତି ଗବେଷକ ରାମଭକ୍ତ ଫରିକାର ଆଉ ନାହାନ୍ତି

**ବଲାଙ୍ଗୀର, ୨୫।୬ (ବୀରେନ୍ଦ୍ର କୁମାର ଝାଙ୍କର):** କୋସଲୀ ଭାଷା, ସାହିତ୍ୟ ଓ



ସଂସ୍କୃତି ଗବେଷକ, ସ୍ୱତନ୍ତ୍ର କୋସଲୀ ଆନ୍ଦୋଳନର ଅନ୍ୟତମ ସକ୍ରିୟ ସଙ୍ଗଠନ ରାମଭକ୍ତ ଫରିକାର (୬୭)ଙ୍କ ରବିବାର ଅପରାହ୍ଣରେ ପରଲୋକ ହୋଇଛି। ସେ କିଛି ଦିନ ହେଲା ଅସୁସ୍ଥ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ବଲାଙ୍ଗୀର ତୁଳସୀନଗରପଡା ସ୍ଥିତ ତାଙ୍କ ବାସଭବନକୁ ମୃତଦେହ ଅଣାଯିବା ପରେ ଶତାଧିକ କୋସଲୀ ପ୍ରେମୀ, ସାହିତ୍ୟିକ ଏବଂ ଜନସାଧାରଣ ତାଙ୍କ ଶେଷଦର୍ଶନ କରି ଥିଲେ। ତାଙ୍କ ସ୍ତ୍ରୀ ମିଥିଳା, ପୁଅ ଆପାନ୍, ରିପୁନ୍, ଲିପୁନ୍, ଜିତୁନ୍, ଝିଅ ରିମା, ସୀମା, ବୋହୂ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ଟିଟିଲାଗଡ ରାସ୍ତା ଶ୍ମଶାନଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଆପାନ୍ ମୁଖାଗ୍ନି ଦେଇଥିଲେ। ବଲାଙ୍ଗୀର ଜିଲା ବିଲେଇସର୍ଡା ଗ୍ରାମରେ ହାଇସ୍କୁଲ ପଢ଼ା ସାରିବା ପରେ ରାମଭକ୍ତ ୧୯୭୭ ମସିହାରେ ରାଜେନ୍ଦ୍ର କଲେଜରେ ପାଠ ପଢ଼ିଥିଲେ। ସେସମୟରୁ ସେ ଜଣେ ଭାଷାପ୍ରେମୀ ଭାବେ ଲୋକପ୍ରିୟ ହୋଇଥିଲେ। ୧୯୮୪ ମସିହାରୁ ଜୟ କୋସଲର ନାରା ଦେଇ ସ୍ୱତନ୍ତ୍ର ଭାଷା ଓ ଅଲଗ୍ କୋସଲ ରାଏଜ୍ ଗଠନ ପାଇଁ ଆନ୍ଦୋଳନକୁ ଜୋରଦାର କରିଥିଲେ। ଏଥିପାଇଁ ସୁନ୍ଦରଗଡରୁ ନବରଙ୍ଗପୁର ପର୍ଯ୍ୟନ୍ତ ସେ ଯାତ୍ରା କରି ଲୋକଙ୍କ ଭିତରେ କୋସଲୀ ଭାଷା ଓ ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ ଦିଗରେ ସଚେତନତା ସୃଷ୍ଟି କରିଥିଲେ। ୧୯୮୪ ମସିହାରେ ହକୁଆ ନାମକ ଏକ ପତ୍ରିକାର ସମ୍ପାଦକ ଭାବେ କାର୍ଯ୍ୟ କରି କୋସଲୀ ଭାଷା ଓ ସଂସ୍କୃତିର ବିକାଶ ଦିଗରେ ସଚେତନତାମୂଳକ କାର୍ଯ୍ୟ କରିଥିଲେ। କୋସଲୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି କରି ଦଶନ୍ଧି ଦଶନ୍ଧି ଧରି ସେ ଆନ୍ଦୋଳନରତ ଥିଲେ। ତାଙ୍କ କବିତା ପୁସ୍ତକ ବେନ୍ଦେର ଫୁଲ୍ ଓ ପେମେଇ ରତୁ ପାଠକୀୟ ଆଦୃତି ଲାଭ କରିଥିଲା।

# ଆରପିଏଫ୍‌ର ଚଢ଼ାଉ, ସିଗନାଲ ତାର ଜବତ, ୪ଗିରଫ

**ଟିଟିଲାଗଡ଼,୨୫।୬(ଶରତ ମିଶ୍ର)**

ଛତିଶଗଡ଼ ରାଜ୍ୟ ଆରଙ୍ଗ ଏବଂ ଓଡିଶାର ତୁରେକେଲା ରେଳଷ୍ଟେସନର ସିଗନାଲ ଗୁମଟିରୁ ତମ୍ବା ତାର ଚୋରି ନେଇ ରବିବାର ସନ୍ଧ୍ୟାରେ ଆରପିଏଫ୍ (ରେଳ ସୁରକ୍ଷା ବଳ )ପକ୍ଷରୁ ଟିଟିଲାଗଡ଼ରେ ଚଢାଉ ହୋଇଛି। ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ତଥା ଓଡିଶାର ସମ୍ବଲପୁର ଏବଂ ଟିଟିଲାଗଡ଼ ଆର୍‌ପିଏଫ୍ ବାହିନୀ, ଟିଟିଲାଗଡ଼ ପୋଲିସ ଟିଟିଲାଗଡ଼ ସହରର ମଧ ଭାଗରେ ଥିବା ଆଦିତ୍ୟ ହୋମ କିଚେନ ୱେର ଦୋକାନରେ ମିଳିତ ଭାବରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ଦୋକାନରେ ବ୍ୟାପକ ପରିମାଣରେ ଆରଙ୍ଗ ଏବଂ ତୁରକେଲା ରେଳ ଷ୍ଟେସନରୁ ଚୋରି ହୋଇଥିବା ତମ୍ବା ତାର ଜବତ ହୋଇଛି। ଟିଟିଲାଗଡ଼



ଆର୍‌ପିଏଫ୍ ଦ୍ୱାରା ଜବତ ସାମଗ୍ରୀ।

ଆରପିଏଫ୍ ଇନ୍ସପେକ୍ଟର ଧର୍ମେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ରେଳ ବିଭାଗ ଆଇଆଇସି ସିଆଇବି ସମ୍ବଲପୁର ବିବେକ କୁମାର, ଆଇଆଇସି କଣ୍ଟାବାଞ୍ଜି ଏନ.ଜି ରମଣ, ଏସଆଇ ଏସ.ପି ଦୁବେ, ଏସଆଇ ଏମ.କେ ସାହୁ, ଏସଆଇ ଏ.କେ ଗଡ଼ନାୟକ, ଏସଆଇ ଆର.ସି ପାତ୍ର, ଏସଆଇ ଟିଟିଲାଗଡ଼ ଥାନା ହୀରା ଖାଲକୋ, ଏଏସଆଇ ପରମାନନ୍ଦ ଭାଟି, କନଷ୍ଟେବଲ ଏକେ ବେହେରା, ଜି ମେହେର ଏହି ଚଢ଼ାଉରେ ସାମିଲ ଥିଲେ। ଆରପିଏଫ ପକ୍ଷରୁ ସୂଚନା ଯେ ମହାସମୁନ୍ଦ ଅଞ୍ଚଳର ଦୁର୍ବୃତ୍ତ ନିୟମିତ ଭାବରେ ସିଗନାଲ କେବୁଲ ତାର ଚୋରି କରୁଥିଲେ। ଏନେଇ ମହାସମୁନ୍ଦ ଅଞ୍ଚଳର କାର୍ତ୍ତିକ ଦେବାର, ଆକବର ଦେବାର, ସଲିମ ଦେବାରଙ୍କୁ ପ୍ରଥମେ ଆରପିଏଫ କାବୁ କରିଥିଲା । ଉକ୍ତ ଅଭିଯୁକ୍ତମାନେ କେବୁଲ ତାର ଟିଟିଲାଗଡ଼ର ଆଶିଷ ବର୍ମାଙ୍କୁ ବିକ୍ରି କରିଥିବା ଆରପିଏଫ ଆଗରେ ସ୍ୱୀକାର କରିଥିଲେ। ଏନେଇ ରବିବାର ଆରପିଏଫ ଦଳ ଆଶିଷଙ୍କ ଠାରୁ ଚୋରି ତାର କିଣିଥିବା ଆଦିତ୍ୟ କିଚେନ ହୋମ ୱେର ଦୋକାନରେ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିଛନ୍ତି। ଅଭିଯୁକ୍ତ ଦୋକାନ ମାଲିକ ବର୍ତ୍ତମାନ ପର୍ଯ୍ୟନ୍ତ ଆରପିଏଫ୍ ହାତକୁ ଆସି ନ ଥିବା ଜଣାଯାଇଛି।

# ଜଳସମ୍ପଦ ମନ୍ତ୍ରୀଙ୍କୁ ୧୩ ଦଫା ଦାବିପତ୍ର

**ମୁରିବାହାଲ,୨୫।୬(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଙ୍କେଲ ଗ୍ରାମ ନିକଟରେ ବନ୍ଧା ଯାଇଥିବା ଟିଟିଲାଗଡ଼ ମଧମ ଜଳସେଚନ ପ୍ରକଳ୍ପ କକଡାଜୋର ବୁଡି ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ରବିବାର ଓଡ଼ିଶା ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ୧୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉକ୍ତ କକଡା ଜୋର ଅଞ୍ଚଳରେ କ୍ଷତି ହୋଇଥିବା ବଙ୍କେଲ, ବିଟା ବନ୍ଧ, ରହେନଭଟାକୁ ନେଇ ଗଠିତ ହୋଇଥିବା କକଡାଜୋର ବୁଡି ଅଞ୍ଚଳ ବିକାଶ ପରିଷଦ ପକ୍ଷରୁ ବକେଲ ଗ୍ରାମ ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁରିବାହାଲ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ହଂସରାଜ ଜୈନ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ବୁଡିଅଞ୍ଚଳରେ କ୍ଷୟୟତି ହୋଇଥିବା ଚାଷୀ ଓ ଅଞ୍ଚଳବାସୀଙ୍କୁ ନିଜର ଦାବି ପୂରଣ କରାଯିବା ସହ ସମସ୍ୟାର ସମାଧାନ କରାଯିବା ଉପରେ ମତବ୍ୟକ୍ତ କରିଥିଲେ। ଏହା ପରେ ଜୈନଙ୍କ ନେତୃତ୍ୱରେ ବଙ୍କେଲ ଗ୍ରାମରୁ ଏକ ଶୋଭାଯାତ୍ରାରେ



ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କକଡାଜୋର ବୁଡ଼ି ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ହେଉ**

ବାହାରି ଟିଟିଲାଗଡ଼ସ୍ଥିତ ବାସଭବନରେ ଜଳସମ୍ପଦ,ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ଟୁକୁନି ସାହୁଙ୍କୁ ୧୩ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ମଧ୍ୟରେ ପ୍ରକଳ୍ପରେ ବୁଡ଼ିଯାଇଥିବା ଗ୍ରାମଗୁଡିକକୁ ସମ୍ପୂର୍ଣ୍ଣ ଥଇଥାନ କରାଯାଉ। ବଙ୍କେଲ ସବସେଣ୍ଟରକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଉ। ପ୍ରକଳ୍ପର ଉପର ମୁଣ୍ଡରେ ଉଠା ଜଳସେଚନ ବ୍ୟବସ୍ଥା କରାଯାଉ। ପ୍ରଭାବିତ ପରିବାରର ପୁଅ ଝିଅକୁ ଯୋଗ୍ୟତା ଅନୁସାରେ ନିଯୁକ୍ତି ପ୍ରଦାନ କରାଯାଉ। ବିସ୍ଥାପିତ ଅଞ୍ଚଳର ଭୂମିହୀନମାନଙ୍କୁ ଭୂମି ପ୍ରଦାନ କରାଯାଉ। ବୁଡି ଯାଇଥିବା ଦେବାଦେବି ମନ୍ଦିରର ପୁନଃ ଉଦ୍ଧାର କରି ନୂତନ ମନ୍ଦିର ନିର୍ମାଣ କରାଯିବା ଆଦି ଦାବି କହିଛି। ଏହି କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇଥିବା ପୂର୍ଣ୍ଣ ସାହୁ, କୁଞ୍ଜ ସାହୁ, ବୃଷବ ଘିଭେଲା, ମଧୁ ଲୁହା, ଗୌରାଙ୍ଗ ଘିଭେଲା, ଗଜ ଘିଭେଲା, ସହିତ ଶତାଧିକ ଦାବିଦାର ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

### ଚନ୍ଦନଭାଟି-ଛତାମଖନା ରାସ୍ତା ପ୍ରଶସ୍ତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଙ୍ଗୀର,୨୫।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ରବିବାର ଅପରାହ୍ଣରେ ବଲାଙ୍ଗୀର–ସମ୍ବଲପୁର ରାସ୍ତା ଜାତୀୟ ରାଜପଥ ୨୬ର ଛତାମଖନା ଛକ ଠାରେ ଚନ୍ଦନଭାଟି–କଅଗାଁ–ଛତାମଖନା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ଆୟୋଜିତ ସଭାରେ ବିଧାୟକ ମିଶ୍ର ପୂର୍ବରୁ ଥିବା ସଂକୀର୍ଣ୍ଣ ରାସ୍ତାର ପ୍ରଶସ୍ତିକରଣ ହେବା ଦ୍ୱାରା ଗମନାଗମନର ବିକାଶ ସହ ରାସ୍ତା ପାର୍ଶ୍ୱ ବିଭିନ୍ନ ଗ୍ରାମାଞ୍ଚଳର ଅର୍ଥନୈତିକ ତଥା ସାମାଜିକ ଏବଂ ଶିକ୍ଷାକ୍ଷେତ୍ରରେ ବିକାଶ ଦିଗରେ ସହାୟକ ହେବ ବୋଲି କହିଥିଲେ। ସମୁଦାୟ ୪ କିମି ରାସ୍ତା ନିର୍ମାଣ ପାଇଁ ୨କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଏବଂ ଆସନ୍ତା ନଭେମ୍ବର ମାସ ସୁଦ୍ଧା କାର୍ଯ୍ୟ ସମ୍ପନ୍ନ ହେବ। ଲୋକଙ୍କ ଦାବି ମୁତାବକ ବିଧାୟକ ମିଶ୍ରଙ୍କ ଉଦ୍ୟମ କ୍ରମେ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଛତାମଖନା ମହାବିଦ୍ୟାଳୟକୁ ୫୦ଲକ୍ଷ ଟଙ୍କା ଓ ସ୍ଥାନୀୟ ପୋଖରୀର ଉନ୍ନତି ପାଇଁ ୫୦ଲକ୍ଷ ଟଙ୍କା ମଞ୍ଜୁରି ପାଇ ଥିବାରୁ ଅଞ୍ଚଳବାସୀ ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କହିଥିଲେ। ବିଧାୟକ ମିଶ୍ର ଆହୁରି ମଧ କହିଥିଲେ ଖୁବ୍ ଶୀଘ୍ର ସୁକତେଲ ନଦୀରେ ୧୫୮ କୋଟି ଟଙ୍କାରେ ନିର୍ମାଣଧିନ ବ୍ୟାରେଜ କାମ ସମ୍ପୂର୍ଣ୍ଣ ହେଲା ପରେ ଅଞ୍ଚଳର ଭୂତଳ ଜଳ ବୃଦ୍ଧି ପାଇବ ଓ ନଦୀର ଉଭୟ କୂଳରେ ଥିବା ଗାଁମାନଙ୍କ ଚାଷୀମାନେ ଲାଭବାନ ହେବେ । ଆଜିର ଏହି କାର୍ଯ୍ୟକ୍ରମକୁ ଯୁବନେତା ଶୁଭ୍ରାଂଶୁ ଶେଖର ପଣ୍ଡା ସଂଯୋଜନା କରିଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର ଜେନା ଏବଂ ଉପ–ବିଭାଗୀୟ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ର ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କୁ ପାଞ୍ଚ ମାସ ହେଲା ଚାଉଳ ମିଳିନି

**ଖପ୍ରାଖୋଲ,୨୫।୬ (ଅଭୟ କୁମାର ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ସଦର ଗାଁର ହିତାଧିକାରୀ ୫ ମାସ ହେବ ଚାଉଳ ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି। ଏନେଇ ହିତାଧିକାରୀମାନେ ଅଭିଯୋଗ କରିଥିଲେ ମଧ କିଛି ଲାଭ ମିଳି ନ ଥିବା କହିଛନ୍ତି। କେନ୍ଦ୍ର ସରକାର ହିତାଧିକାରୀଙ୍କୁ ମାଗଣାରେ ଚାଉଳ ଯୋଗାଉ ଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ହିତାଧିକାରୀ ଚାଉଳ ପାଇବାରୁ ବଞ୍ଚିତ ହେବା ଦେଖାଯାଉଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ଯୋଗାଣ ସହାୟକ ଗୋପୀନାଥ ପ୍ରଧାନଙ୍କୁ ପଚାରିବାରୁ କ୍ଲୋଜିଂ ବାଲାନ୍ସରେ ସମସ୍ୟା ଯୋଗୁ ଏପରି ହୋଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛି ବୋଲି କହିଛନ୍ତି। ଏନେଇ ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁଙ୍କୁ ପଚାରିବାରୁ କଣ ହୋଇଛି ପଚାରି ବୁଝିବା ପରେ ତୁରନ୍ତ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

# ଲେସୁନବାହାଲିରେ ଓବିସି ମେଳି

**ଟିଟିଲାଗଡ଼,୨୫।୬(ଶରତ ମିଶ୍ର)**

ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଲେସୁନବାହାଲି ଗ୍ରାମ ବଜାର ପଡିଆରେ ଓବିସି ମଞ୍ଚ ଟିଟିଲାଗଡ଼ ପକ୍ଷରୁ ମାର୍ଲାଡ, ସିଲୁଆଁ ଏବଂ ବିନେକେଲା ପଞ୍ଚାୟତର ଓବିସିବର୍ଗଙ୍କୁ ନେଇ ରବବାର ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ବ୍ଲକ ଉପାଧକ୍ଷ ଜଗତରାମ ରଣା, ସିଲୁଆଁ ସରପଞ୍ଚ ହରିହର କଟା, ମାର୍ଲାଡର ବରିଷ୍ଠ ଓବିସି ନେତା କୃଷ୍ଣଚନ୍ଦ୍ର ହାତୀ, ବିନେକେଲାର ଓବିସି ନେତା ପ୍ରଦୀପ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମଞ୍ଚର ଆବାହକ ତଥା ଉତ୍କଳ ଯାଦବ ମହାସଭା ଆଇନସେଲ ସଭାପତି ମନୋଜ ହାତୀ, ବାଲକୃଷ୍ଣ ଷାଣ୍ଢ, ଉପଖଣ୍ଡ ଯାଦବ ମହାସଭା ସଭାପତି ଘିନୁ ଆଡଯୁଆଡ, ଝସକେତନ ଛତର, ତୈଳିକ ସମାଜ ସଭାପତି ଅଭୟ ସାହୁ, ଆଶିଷ ସାହୁ, ଦେବାନନ୍ଦ ସାହୁ, ଦିଲୀପ ବିଶି, ତୁଳସି ସାହୁ, ପ୍ରଦୀପ ସାହୁ, ଲଳିତ ସାହୁ, ସୁମନ୍ତ ସାହୁ, ଜିଲା ସରପଞ୍ଚ ସଂଘ ସଭାପତି ବିରବର ସାହୁ, କୁନା ଭାଟି ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କଠାରୁ ଓବିସି ବର୍ଗଙ୍କ ହକ ରାଜନୈତିକ, ଶିକ୍ଷା, ନିଯୁକ୍ତି, ପଦୋନ୍ନତି ଆଦି କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇବାକୁ ଆନ୍ଦୋଳନ ହିଁ ଏକ ମାତ୍ର ବିକଳ୍ପ ବୋଲି ଚେତାବନୀ ଦେଇଥିଲେ। ବହୁ ଦାବି ପରେ ସରକାର ଓବିସିଙ୍କ ସଂଖ୍ୟା ନିର୍ଦ୍ଧାରଣ ପାଇଁ ସର୍ଭେ ଚଳାଇଛନ୍ତି। ଏନେଇ କେହି ମଧ ନିଜ ପରିବାରଙ୍କ ନାମ ପଞ୍ଜିକରଣରୁ ବଞ୍ଚିତ ନ ହେବେ ସେ ନେଇ ପ୍ରଶାସନ ବିଶେଷ ଧାନ ଦେବାକୁ ଓବିସି ନେତା ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତଥାଗତ କଟା, ଡଗର ବନଛୋର, ତପୋବନ୍ତ ସୁନାନୀ, ରାମଚନ୍ଦ୍ର ରତାଇ, ଶତ୍ରୁଘ୍ନ ରତାଇ, ରୁକ୍ମଣ ଗହିର, ବୁଲୁ ସାହୁ, ଗିରିଶ ନାଗ, ଦୁର୍ଯ୍ୟୋଧନ ରତାଇ, ସଞ୍ଜୟ ସାହୁ, ତୁମେଶ୍ୱର ଆଡଯୁଆଡ ପ୍ରମୁଖ ଓବିସି ନେତା ଉପସ୍ଥିତ ଥିଲେ।



ସମାବେଶରେ ଉପସ୍ଥିତ ଓବିସି ମଞ୍ଚର କର୍ମକର୍ତ୍ତା।

# କଲଭର୍ଟ ଅଧାପନ୍ତରିଆ, ଯାତାୟାତ ବାଧାପ୍ରାପ୍ତ



କଲଭର୍ଟ ପାଇଁ ଖୋଳା ଯାଇଥିବା ଗାତ।

**ଲୋଇସିଂହା,୨୫।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକାରୁ ରାମପୁର ରାସ୍ତାରେ ଏକ କଲଭର୍ଟ ନିର୍ମାଣ ଚାଲିଛି। ଦୀର୍ଘ ମାସ ହେଲା କଲଭର୍ଟ ଅଧାପନ୍ତରିଆ ହୋଇ ପଡ଼ିରହିଛି। କାମ ଆଗଉ ନ ଥିବାରୁ ରାମପୁର ଗ୍ରାମବାସୀ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଡୁଡୁକା ପଞ୍ଚାୟତ ଅନ୍ତର୍ଗତ ରାମପୁରକୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜାନରେ କାମ ଚାଲିଛି। ରାମପୁର ଗ୍ରାମ ମୁଣ୍ଡରେ ଏକ କଲଭର୍ଟ ପାଇଁ ଗାତ ଖୋଳାଯାଇଛି। କଲଭର୍ଟ କାମ ନ କରି ସେମିତି ଅବସ୍ଥାରେ ପକାଇ ରଖାଯାଇଛି। ଦୀର୍ଘ ମାସ ହେଲା ଗ୍ରାମବାସୀ ଚାଷ ଜମି ବାଇପାସ ରାସ୍ତାରେ ଯାତାୟତ କରୁଛନ୍ତି। ଏବେ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ବର୍ଷାପରେ ଖରିବ ଚାଷ ଆଗେଇଛି। ବାଇପାସ ଦିଆ ଯାଇଥିବା ଜମିର ମାଲିକ କ୍ଷେତରେ ହଳ କଲେ ଯାତାୟାତ ସମସ୍ୟା ସୃଷ୍ଟି ହେବ। କଲଭର୍ଟ ନିର୍ମାଣ ନ କରି ଅଯଥାରେ ଗାତ ଖୋଳି ପକାଇ ରଖିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଦୋରାଙ୍କୁ ପଚାରିବାରୁ ଠିକାଦାରଙ୍କ ଅବହେଳାରୁ କାମ ବିଳମ୍ବିତ ହୋଇଥିବା କହିଥିଲେ। ତେବେ ବର୍ତ୍ତମାନ କଲଭର୍ଟ କାମ ସରିଯାଇଥିବା କହିଛନ୍ତି। ଅପରପକ୍ଷେ ବିଭାଗୀୟ ଯନ୍ତ୍ରୀ ମିଛ କହୁଥିବା ଗ୍ରାମବାସୀ କହିଛନ୍ତି।

# ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ଶ୍ରଦ୍ଧାଞ୍ଜଳି



ପଶ୍ଚିମ ଓଡ଼ିଶା ପ୍ରାୟୋଜକ ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

**ଲୋଇସିଂହା,୨୫।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରିନବଚନ ଗ୍ରାମରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅନୀଲ ହରପାଲଙ୍କ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ପ୍ରାୟୋଜକ ସଂଘ ଆନୁକୂଲ୍ୟରେ ଆୟୋଜିତ ସଭାରେ ସଭାପତି ସୁଧିର ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ଏଥିରେ କାର୍ଯ୍ୟକାରୀ ସଭାପତି ଶରତ ମହାକୁର, ବରିଷ୍ଠ ସଦସ୍ୟ ଗୋପାଳ ପଧାନ, ପଦ୍ମଶ୍ରୀ ହଳଧର ନାଗ, କେଦାର ଥନାପତି, ଅମିତ କୁମାର ପତି, କାଳିଚରଣ ବାଗ, ଜନକ ସେଠ, ନିହାଲସିଂ କମେଡି କିଂ ବିନ୍ଦୁ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଅନୀଲ ହରପାଲ ଅନେକଗୁଡିଏ ସମ୍ବଲପୁରୀ ଏବଂ ଅନ୍ୟଭାଷାରେ ଗୀତ ସଂରଚନା କରି ନିଜେ କଣ୍ଠଦାନ କରି ଚର୍ଚ୍ଚିତ ହୋଇଥିଲେ। 'ଏପାନ ବାଲା ବାବୁ', 'ଆମେ ଜେଭେ ଦେଖିଲେ ଜୁଆନ', 'ବମ୍ଭେକା ବାବୁ', 'ବିହାରୀ ପିଲା' ଏପରି ଅନେକ ସୁପର ହିଟ ସମ୍ବଲପୁରୀ ଗୀତ ରଚନା ଓ ଗୀତା ଗାଇ ପ୍ରସିଦ୍ଧ ଲାଭ କରିଥିବା ଅତିଥି କହିଥିଲେ। ଅନୀଲଙ୍କ ଶୂନ୍ୟସ୍ଥାନ ଆଉ କେହି ପୂରଣ କରିପାରିବେ ନାହିଁ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶା ପ୍ରାୟୋଜକ ସଂଘ ପକ୍ଷରୁ ତାଙ୍କ ସ୍ତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଛି।

# ଦେଓଗାଁ ବ୍ଲକ ସରପଞ୍ଚଙ୍କ ମଧ୍ୟରେ ଫାଟ



ନୂଆପାଲି କଲ୍ୟାଣ ମଣ୍ଡପରେ ଉପସ୍ଥିତ ସରପଞ୍ଚ।



ମହଲେଇ ପଞ୍ଚାୟତରେ ନୂତନ ସରପଞ୍ଚ ସଂଘ ଗଠନରେ ଉପସ୍ଥିତ ସରପଞ୍ଚ।

**ଦେଓଗାଁ,୨୫।୬(କୃଷ୍ଣପ୍ରସାଦ ପାଣି)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସରପଞ୍ଚ ସଂଘରେ ଫାଟସୃଷ୍ଟି ହୋଇଛି। ପୂର୍ବରୁ ବ୍ଲକର ୨୬ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଏକାଠି ହୋଇ ସଂଘ ଗଠନ କରିଥିଲେ । କିନ୍ତୁ ହଠାତ୍ ଦୁଇଟି ସଂଘ ଗଠନକୁ ନେଇ ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ରବିବାର ସରପଞ୍ଚ ସଂଘର ବୈଠକ ଉପରଝର ପଞ୍ଚାୟତ ନୂଆଁପାଲି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଥିଲା। ଏହାରି ମଧ୍ୟରେ କିଛି ଅସନ୍ତୋଷ ଥିବା ସରପଞ୍ଚ ନୂଆଁପାଲି ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ କରିଥିଲେ। ତେବେ ନୂଆଁପାଲିଠାରେ ଅନୁଷ୍ଠିତ ବୈଠକରେ ଅର୍ଜୁନପୁର, କୁଲତାପଡା, ଗାଇବାହାଲ, ଉପରଝର, ଜରାସିଂହା, ସିଂହାମୁଣ୍ଡା, ହାତୀସରା, ସାଲେପାଲି, ମୁକୁନ୍ଦପୁର, ବନ୍ଧପଡା,

**୨ଟି ପୃଥକ ସ୍ଥାନରେ ବୈଠକ, ନୂତନ ସଂଘ ଗଠିତ**

ଉଡାର, ବ୍ରାହ୍ମଣିଯୋର, ଲଣ୍ଡାପଥର, ବଡବାହାଲ ପଞ୍ଚାୟତ ସରପଞ୍ଚ ଏକାଠି ହୋଇ ସଂଘର ସଙ୍ଗଠନ ଓ ପଞ୍ଚାୟତଗୁଡିକର ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟ ପଟେ ମହଲେଇ ପଞ୍ଚାୟତରେ ଗୁଡଖାପଲା ସରପଞ୍ଚ ଜୀବନୀ ଦାସଙ୍କ ନେତୃତ୍ୱରେ ବଡବନ୍ଧ, କୁତୁର୍ଲା, ସାରସମାଲ, ସିକୁଆଁ, ଗୌରଗୋଠ, ମହଲେଇ ପଞ୍ଚାୟତର ସରପଞ୍ଚ ଏକାଠି ହୋଇ ବୈଠକ କରି ନୂତନ ସରପଞ୍ଚ ସଂଘ କମିଟି ଗଠନ କରିଥିବା ଜଣାପଡିଛି। ନୂତନ ସରପଞ୍ଚ ସଂଘ କମିଟିରେ ବଡବନ୍ଧ ପଞ୍ଚାୟତର ସରପଞ୍ଚ ଜଗବନ୍ଧୁ ମେହେର ସଭାପତି, ତେଜ ହରପାଲ ଉପସଭାପତି, ଚିତ୍ତରଞ୍ଜନ ସାହୁ ସମ୍ପାଦକ, ରଞ୍ଜିତା ସାହୁ ସହସମ୍ପାଦକ, ରାଜକୁମାର ଭୋଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ନୂତନ ସଂଘ ସଭାପତି ଜଗବନ୍ଧୁ ମେହେରଙ୍କ କହିବାନୁସାରେ ପୂର୍ବ ସଂଘର ସଭାପତି ନିଜ ସ୍ୱାର୍ଥ ପାଇଁ ଦଳୀୟ ରାଜନୀତି କରି ସଂଘକୁ ବିଭ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏପରିକି ଗତ ମାସ ତୁମେରପିଟା ପଞ୍ଚାୟତରେ ବସିଥିବା ସଂଘ ବୈଠକରେ ନୂତନ ସଂଘର ସଦସ୍ୟମାନେ ଜରାସିଂହାରେ ଅନୁଷ୍ଠିତ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ବ୍ଲକ ଅଧକ୍ଷ ଓ ଜିଲା ପରିଷଦ ସଦସ୍ୟଙ୍କ ନାମ ଫଳକରେ ନାଁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ଶିଳାନ୍ୟାସ ଘଟଣାକୁ ନେଇ ସମିତି ବୈଠକ ଅଧାରୁ କିଛି ସରପଞ୍ଚ ବର୍ଜନ କରିଥିଲେ। ଏହି ପ୍ରସଙ୍ଗକୁ ପୂର୍ବ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ବିଜେଡି ସମର୍ଥନରେ ଦଳୀୟ ରାଜନୀତି ଭାବେ ବିରୋଧ କଲେ ବୋଲି ନୂତନ ସଂଘର ସମ୍ପାଦକ ଚିତ୍ତରଞ୍ଜନ ସାହୁ କହିଛନ୍ତି। ଆଜିର ଏହି ଦୁଇଟି ସଂଘ ବୈଠକରେ ଦେଷଣ୍ଡ ସରପଞ୍ଚ ଯଶୋଦା ମେହେର, ଦେଓଗାଁ ସରପଞ୍ଚ ନୀନା ଛତ୍ରିଆ ଓ ରାମଚନ୍ଦ୍ରପୁର ସରପଞ୍ଚ ପଦ୍ମିନୀ ମିଶ୍ର ଅନୁପସ୍ଥିତ ଥିଲେ। ଉକ୍ତ ଘଟଣାକୁ ନେଇ ପୂର୍ବରୁ ଗଠିତ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ କିଛି ସରପଞ୍ଚ ଅସନ୍ତୋଷ ବ୍ୟକ୍ତ କରି ନିଜେ ଦଳୀୟ ଭାବନା ରଖି ନୂତନ ସଂଘ ଗଠନ କରିଥିବା ଶୁଣିବାକୁ ପାଇଛି। ଆମେ କାହାକୁ ବିରୋଧ କରିନାହୁଁ କିମ୍ବା ସଂଘ କାର୍ଯ୍ୟରେ ଦଳୀୟ ମତାନ୍ତର ରଖିନାହୁଁ । ଆମେ ସମସ୍ତେ ଗୋଟିଏ ପରିବାର ବୋଲି କହିଥିଲେ। ଆଗାମୀ ଦିନରେ ବ୍ଲକର ଦୁଇଟି ସଂଘର କାର୍ଯ୍ୟକ୍ରମ କି ରୂପରେଖ ନେଉଛି ତାହା ଦେଖିବାକୁ ବାକି ରହିଲା।

# ଶାସକ ଉଲ୍ଲସିତ, ବିରୋଧୀଙ୍କ ସମାଲୋଚନା

## ୫-ଟି ସଚିବଙ୍କ ବରଗଡ଼ ଗସ୍ତ

ବରଗଡ଼,୨୫ା୬(ପ୍ରେମାନନ୍ଦ ଖମାରୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନ ବରଗଡ଼ ଜିଲାକୁ ୨ଦିନିଆ ଗସ୍ତରେ ସୋମବାର ଆସୁଛନ୍ତି। ତାଙ୍କର ଏହି ଗସ୍ତରେ ସେ ଜିଲାରେ କସ୍ତୁରବା ଗାନ୍ଧୀ ମାତୃ ନିକେତନର ଶିଶୁଙ୍କଠାରୁ ଆରମ୍ଭ କରି ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ର, ଏସ୍ଏଚ୍‌ଜି ମହିଳାଙ୍କ ସହିତ ଭାବ ବିନିମୟ କରିବେ। ଜିଲାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଏବଂ ସେ ନେଇ ଜନସାଧାରଣଙ୍କ ସହିତ ଆଲୋଚନା ଆଦି କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ନେଇ ପୋଲିସ ଓ ପ୍ରଶାସନ ପୂରାଦମ୍‌ରେ ଲାଗି ପଡ଼ିଛି। ସେହିପରି ଶାସକ ବିଜେଡ଼ିର ନେତା, କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ମଧ୍ୟ ପଛରେ ପଡ଼ିନାହାନ୍ତି। ଏହି ଗସ୍ତକୁ ସଫଳ କରିବା ପାଇଁ ସେମାନେ ତତ୍ପର ହୋଇ ପଡ଼ିଥିବା ପରିଲକ୍ଷିତ ହୋଇଛି। ଅନ୍ୟପଟେ ୫-ଟି ସଚିବଙ୍କ ଗସ୍ତକୁ ବିରୋଧୀ ଭାଜପା, କଂଗ୍ରେସ ସମାଲୋଚନା କରିଛନ୍ତି।



୫-ଟି ସଚିବଙ୍କ ଗସ୍ତ ପାଇଁ ଅତାବିରାରେ ହେଲିପ୍ୟାଡ୍ ପ୍ରସ୍ତୁତ କରାଯାଉଛି ।

### ଗଣତନ୍ତ୍ର ପ୍ରତି ଉପହାସ



"ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ଗସ୍ତ ସଫଳ କରିବାକୁ ଜିଲାର ବିଧାୟକ, ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ ସଭିଁଏ ଲାଗି ପଡ଼ିଛନ୍ତି । ବିଜେଡ଼ିର ସାଙ୍ଗଠନିକ ସମ୍ପାଦକ ମଧ୍ୟ ଏଠାରେ ଡେରା ପକାଇଛନ୍ତି। ଜଣେ ସଚିବଙ୍କ ଗସ୍ତରେ ବିଜେଡ଼ି ନେତା ଏତେ ତତ୍ପର ହେବା କେବଳ ଦୁର୍ଭାଗ୍ୟଜନକ ନୁହେଁ, ଗଣତନ୍ତ୍ର ପ୍ରତି ବିପଦ ଏବଂ ଉପହାସ ଅଟେ। କାରଣ ଲୋକେ ସଚିବଙ୍କୁ ଭୋଟ୍ ଦେଇନାହାନ୍ତି ବରଂ ବିଧାୟକ, ମନ୍ତ୍ରୀଙ୍କୁ ନିର୍ବାଚିତ କରିଛନ୍ତି। ସେହିପରି ପ୍ରବଳ ବର୍ଷା ନେଇ ଆସନ୍ତା ୩ଦିନ ପାଇଁ ନିଜେ ରାଜ୍ୟ ସରକାର ସତର୍କବାଣୀ ଦେଇଛନ୍ତି। ଅପରପକ୍ଷେ ସଭାସ୍ଥଳୀକୁ ୨୨୦୦ ଛାତ୍ରୀଛାତ୍ରଙ୍କୁ ଆଣିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ଏବଂ ସଚିବଙ୍କ ସୁରକ୍ଷା ପାଇଁ ପୋଲିସକୁ ଡ୍ରେସ କୋର୍ଡ ବଦଳାଇବାକୁ ପଡ଼ିବା ଆହୁରି ଦୁର୍ଭାଗ୍ୟଜନକ ।

**ଅଶ୍ୱିନୀ ଷଡ଼ଙ୍ଗୀ, ଭାଜପା ଜିଲା ସଭାପତି**

### ଚାଷୀଙ୍କୁ ଭେଟନ୍ତୁ ୫-ଟି ସଚିବ



"୫-ଟି ସଚିବଙ୍କ ଗସ୍ତକୁ ନେଇ ଦଳୀୟ ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପୋଲିସ, ପ୍ରଶାସନ ଯେଭଳି ତତ୍ପର ହୋଇ ପଡ଼ିଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବର୍ତ୍ତମାନ ବର୍ଷା ଆସି ଯାଇଥିବାବେଳେ ଚାଷୀମାନେ ସେମାନଙ୍କ ଧାନକୁ ଏପର୍ଯ୍ୟନ୍ତ ବିକ୍ରି କରି ପାରିନାହାନ୍ତି। ଭିତ୍ତିଭୂମି ଅଭାବରୁ ବିଭିନ୍ନ ମଣ୍ଡିର ଖୋଲା ଆକାଶତଳେ ଧାନ ପଡ଼ି ବର୍ଷାପାଣିରେ ଭିଜୁଛି। ଚାଷୀମାନେ କଟନୀଛଟନୀ ଏବଂ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏଭଳି ସ୍ଥଳେ ରାଜ୍ୟ ସରକାର କିମ୍ବା ପ୍ରଶାସନ ଚାଷୀଙ୍କ ସେହି ସମସ୍ୟାକୁ ନେଇ ଆଖି ବୁଜି ଦେଇଛି । ଅନ୍ୟପଟେ ଜଣେ ସଚିବଙ୍କ ଗସ୍ତ ନେଇ ଏତେ ତତ୍ପରତା ଦୁଃଖର ବିଷୟ। ଯାହା ଅନୁଭୂତ ହେଉଛି, ୫-ଟି ସଚିବଙ୍କ ଗସ୍ତ ସମ୍ପୂର୍ଣ୍ଣ ରାଜନୈତିକ କାର୍ଯ୍ୟକ୍ରମ। ଏଥିରେ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସାମିଲ କରାଯିବା ଜିଲାବାସୀଙ୍କ ପାଇଁ ବିଡ଼ମ୍ବନା ଅଟେ।

**ପ୍ରଦୀପ ଦେବତା, କଂଗ୍ରେସ ନେତା**

### ଯୋଡ଼ିହେବ ବିକାଶର ଆଉ ଏକ ଫର୍ଦ୍ଦ



"ସାଧାରଣ ଜନତାଙ୍କ କଥା, ସମସ୍ୟା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବଙ୍କୁ ଆମ ଜିଲାକୁ ପଠାଇଛନ୍ତି। ମୁଖ୍ୟମନ୍ତ୍ରୀ ଏଭଳି ଏକ ସୁଯୋଗ ସୃଷ୍ଟି କରିଥିବା ଯୋଗୁ ଜିଲାବାସୀ ୫-ଟି ସଚିବଙ୍କ ଏହି ଗସ୍ତକୁ ସ୍ୱାଗତ କରୁଛନ୍ତି। କାରଣ ଲୋକଙ୍କୁ ଅଞ୍ଚଳର ସମସ୍ୟା ଜଣାଇବା ପାଇଁ ରାଜଧାନୀ ଯିବାକୁ ପଡୁନାହିଁ, ସଚିବାଳୟରୁ ନିଜେ ୫-ଟି ସଚିବ ସେଥିପାଇଁ ଏଠାକୁ ଆସୁଛନ୍ତି। ଲୋକଙ୍କୁ ଭେଟିବା ସହିତ ସେମାନଙ୍କ ସମସ୍ୟା ବୁଝିବେ, ଜିଲାର ବିକାଶଧାରା ନେଇ ଆଲୋଚନା ମଧ୍ୟ କରିବେ। ୫-ଟି ସଚିବଙ୍କ ଏଭଳି ଗସ୍ତ ଯୋଗୁ ବରଗଡ଼ ଜିଲାରେ ଆଉ ଏକ ବିକାଶର ଫର୍ଦ୍ଦ ଯୋଡ଼ି ହେବ, ଏଥିରେ କିଛି ସନ୍ଦେହ ନାହିଁ। ବିକାଶକୁ ବିରୋଧ କରିବା ବିରୋଧୀଙ୍କ ପେଶା ଏବଂ ଚିରାଚରିତ ଅଭ୍ୟାସ। କାରଣ ବିକାଶ କ'ଣ ସେମାନଙ୍କୁ ଜଣାନାହିଁ। ସେମାନଙ୍କ ବିରୋଧ ଜିଲାର ବିକାଶଧାରାକୁ ପଥରୋଧ କରିପାରିବ ନାହିଁ ।

**ଗୌରହରି ମିଶ୍ର, ବିଜେଡ଼ି ନେତା**

# ୧୦ ଦିନ ପରେ ବି ପୋଲିସ ହାତ ଖାଲି

### ଇଞ୍ଜିନିୟରଙ୍କ ଘରୁ ଚୋରି ଘଟଣା

ସୋନପୁର,୨୫ା୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଉଦୟନଗର ଅଞ୍ଚଳରେ ରହୁଥିବା ଇଂ ଦିଲୀପ କୁମାର କରଙ୍କ ଘରେ ୧୪ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଚୋରମାନେ ପ୍ରାୟ ୩ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ୧୬ ହଜାର ଟଙ୍କା ଲୁଟି ନେଇଥିଲେ। ସୁବର୍ଣ୍ଣପୁର ଏସ୍‌ପିଙ୍କ ଅଫିସ ଠାରୁ ମାତ୍ର ୨ ଶହ ମିଟର ଦୂରରେ ଏହି ଚୋରି ହୋଇଥିଲା। ତେବେ ଘଟଣାର ୧୦ ଦିନ ବିତି ଯାଇଥିଲେ ବି ଅଭିଯୁକ୍ତଙ୍କୁ ଧରିବାରେ ସୋନପୁର ଟାଉନ ପୋଲିସ ବିଫଳ ହୋଇଛି। ସିସିଟିଭି ଫୁଟେଜ୍‌ରେ ଜଣେ ଅଭିଯୁକ୍ତଙ୍କ ଭିଡିଓ ସ୍ପଷ୍ଟ ଦୃଶ୍ୟମାନ ହେଉଥିଲେ ମଧ୍ୟ ପୋଲିସ ତାଙ୍କୁ ଏପର୍ଯ୍ୟନ୍ତ ଠାବ କରିପାରିନି। ଅଭିଯୁକ୍ତ ବାହାର ଅଞ୍ଚଳର କହି ପୋଲିସ ଚୁପ୍ ବସିଥିବା ଅଭିଯୋଗ ହେଉଛି।

ସୁବର୍ଣ୍ଣପୁର ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଇଂ କର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ସେ କିଛି ବର୍ଷ ହେବ ସୋନପୁର କଲେଜ ସମ୍ମୁଖରେ ଥିବା ଉକ୍ତ ଘରର ଗ୍ରାଉଣ୍ଡ ଫ୍ଲୋରରେ ଭଡାରେ ରହି ଆସୁଛନ୍ତି। ବୁଧବାର ରାତିରେ ଇଂ କର ଓ ତାଙ୍କ ସ୍ତ୍ରୀ ଖାଇ ସାରି ଘରେ ଶୋଇଥିଲେ। ଝିଅ ପୁଅ ବାହାରେ ପାଠ ପଢୁଥିବାରୁ ଶୋଇବା ଘର ଖାଲିଥିଲା। ଶୋଇବା ଘର ଝରକା କବାଟ ଖୋଲାଥିଲା। ଚୋରଦ୍ୱୟ ଶୋଇବା ଘର ଝରକା ଗ୍ରୀଲ କାଟି ଭିତରକୁ ପ୍ରବେଶ କରିଥିଲେ। ପରେ ଆଲମିରା ତାଲା ଭାଙ୍ଗି ପ୍ରାୟ ୫ ଭରି ଓଜନର ସୁନା ଅଳଙ୍କାର ଓ ନଗଦ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ଇଂ କର ଥାନାରେ ଅଭିଯୋଗ କରିବା ପରେ ସନ୍ଧାନୀ କୁକୁର ଓ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ କରିଥିଲା। ସନ୍ଧାନୀ କୁକୁର ଅନୁସନ୍ଧାନ କରି ରିଂ ରୋଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଅଭିଯୁକ୍ତ ବାଇକ୍‌ରେ କିମ୍ବା ଅନ୍ୟ କେଉଁ ଯାନରେ ଫେରାର ମାରି ଥିବାରୁ କୁକୁର ଫେରି ଆସିଥିଲା। ସିସିଟିଭି ଫୁଟେଜ୍ ଅନୁଯାୟୀ ୨ ଜଣ ଚୋର ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି। ଜଣେ ମୁହଁ ଘୋଡାଇ ଥିଲେ। ସେ ସ୍ଥାନୀୟ ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ତେବେ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ଅନ୍ୟ ଚୋର ଜଣକ ସିସିଟିଭି ଫୁଟେଜ୍‌ରେ ସ୍ପଷ୍ଟ ଦୃଶ୍ୟମାନ ହେଉଛନ୍ତି। ସେ ଜଣେ ପେଶାଗତ ଚୋର ଭଳି ମୁହଁକୁ ନ ଲୁଚାଇ ସମସ୍ତ କାର୍ଯ୍ୟ କରିଥିଲେ। ଅଣ୍ଟାରେ ବାନ୍ଧିଥିବା ମୁଣାରେ ଚୋରି ପାଇଁ ବ୍ୟବହୃତ କଟର, ଭୁଜାଲି ଭଳି ଅନ୍ୟାନ୍ୟ ସାମଗ୍ରୀ ରଖିଥିଲେ। ପୋଲିସ ଚେଷ୍ଟା ଜାରି ରଖିଥିଲେ ହେଁ ତାଙ୍କ ପରିଚୟ ମିଳି ପାରିନି। ପୋଲିସ ଏସଆଇ ସସ୍ମିତା ଭୂତିଆ ମାମଲାର ତଦନ୍ତ କରୁଛନ୍ତି। ସହରର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରୁ ଚୋରି ହେବା ପୋଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ଉଦ୍ୟମ ଜାରି ରହିଛି, ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ କହିଛନ୍ତି।

# କଲଭର୍ଟ ଅଧାପନ୍ତରିଆ, ଯାତାୟାତ ବାଧାପ୍ରାପ୍ତ

ଲୋଇସିଂହା,୨୫ା୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକାରୁ ରାମପୁର ରାସ୍ତାରେ ଏକ କଲଭର୍ଟ ନିର୍ମାଣ ଚାଲିଛି। ଦୀର୍ଘ ମାସ ହେଲା କଲଭର୍ଟ ଅଧାପନ୍ତରିଆ ହୋଇ ପଡ଼ିରହିଛି। କାମ ଆଗଉ ନ ଥିବାରୁ ରାମପୁର ଗ୍ରାମବାସୀ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଡୁଡୁକା ପଞ୍ଚାୟତ ଅନ୍ତର୍ଗତ ରାମପୁରକୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜାନରେ କାମ ଚାଲିଛି। ରାମପୁର ଗ୍ରାମ ମୁଣ୍ଡରେ ଏକ କଲଭର୍ଟ ପାଇଁ ଗାତ ଖୋଳାଯାଇଛି। କଲଭର୍ଟ କାମ ନ କରି ସେମିତି ଅବସ୍ଥାରେ ପକାଇ ରଖାଯାଇଛି। ଦୀର୍ଘ ମାସ ହେଲା ଗ୍ରାମବାସୀ ଚାଷ ଜମି ବାଇପାସ ରାସ୍ତାରେ ଯାତାୟତ କରୁଛନ୍ତି। ଏବେ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ବର୍ଷାପରେ ଖରିଫ ଚାଷ ଆଗେଇଛି। ବାଇପାସ ଦିଆ ଯାଇଥିବା ଜମିର ମାଲିକ କ୍ଷେତରେ ହଳ କଲେ ଯାତାୟାତ ସମସ୍ୟା ସୃଷ୍ଟି ହେବ। କଲଭର୍ଟ ନିର୍ମାଣ ନ କରି ଅଯଥାରେ ଗାତ ଖୋଳିପକାଇ ରଖିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ସପ୍ତଦୀପା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

**ଅମରପାଲି,୨୫ା୬(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାସ୍ଥିତ ମାଉସୀ ମା'ମନ୍ଦିର ପରିସରରେ ବୀରମହାରାଜପୁରର ସପ୍ତଦୀପା ସାହିତ୍ୟ ସଂସଦର ୧୧୦ତମ ଭ୍ରାମ୍ୟମାନ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂସଦର ସ୍ଥାୟୀ ସଭାପତି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁଗଳ କିଶୋର ମିଶ୍ର ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଆଧାତ୍ମିକ ଚିନ୍ତନ ସାହିତ୍ୟ ସଂରଚନା ପାଇଁ ଅନୁପ୍ରେରିତ କରିଥାଏ ବୋଲି ଉପସ୍ଥିତ କବି ଓ କବୟିତ୍ରୀମାନେ ମତପ୍ରକାଶ କରିଥିଲେ। ଡା.ଅନିରୁଦ୍ଧ କୁରକୁରିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ଭକ୍ତି କବିତା ଆସର କରାଯାଇଥିଲା। ଅକ୍ରୁର ହୋତା ଓ ସନ୍ତୋଷିନୀ ନାୟକଙ୍କ ସଂଯୋଜନାରେ ଶ୍ୟାମ ଗୋପାଳ ହୋତା, ସୁବ୍ରତ କୁମାର ପଣ୍ଡା, ପ୍ରଫୁଲ୍ଲ ପଧାନ, ଡା. ଅନିରୁଦ୍ଧ କୁରକୁରିଆ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କିଶୋର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

### ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନିୟମିତତା

**ତଳଗାଁ,୨୫ା୬ (କୁନା ବେହେରା):** ବୌଦ୍ଧ ଜିଲାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହେଉଥିବା ଉନ୍ନୟନ କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ଜିଲାରେ ପୋଖରୀ ଖନନ କାର୍ଯ୍ୟ ଶ୍ରମିକ ବଦଳରେ ମେଶିନ ଦ୍ୱାରା କରାଯାଉଛି । ସେହିପରି ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଜିଲାର ବିଭିନ୍ନ ପଞ୍ଚାୟତରେ ରାସ୍ତା ନିର୍ମାଣ ଚାଲିଥିବା ବେଳେ କାର୍ଯ୍ୟଗୁଡିକ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଜିଲାର ହରଭଙ୍ଗା ବ୍ଲକ କୁଶଙ୍ଗ ପଞ୍ଚାୟତ ଅତଲସରା ଗ୍ରାମରେ ଏମଜିଏନଆରଇଜିଏସ ଯୋଜନାରେ ଅତଲସରା ଗ୍ରାମ ଶନିମନ୍ଦିରଠାରୁ ବିଦ୍ୟାଳୟ ସାହି ପର୍ଯ୍ୟନ୍ତ ୨୦୨୨-୨୩ ଆର୍ଥିକ ବର୍ଷରେ ୬ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟରେ ରାସ୍ତା କାମ ହେଉଛି । ତେବେ ଏହି ରାସ୍ତା କାମରେ ନିମ୍ନମାନର ମେଟାଲ ଓ ବାଲି ବ୍ୟବହାର ହେଉଥିବାରୁ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେର ଅସନ୍ତୋଷ ବ୍ୟକ୍ତ କରିବା ସହ ଯନ୍ତ୍ରୀଙ୍କୁ ତାଗିଦ କରିଛନ୍ତି । ନିକଟରେ କାର୍ଯ୍ୟନିର୍ବାହୀ ଅଧିକାରୀ ମେହେର କାର୍ଯ୍ୟ ଦେଖିବାକୁ ଅତଲସରା ଆସିଥିଲେ । କାର୍ଯ୍ୟ ଦେଖି ଠିକ ଠାକ୍ କାମ କରିବାକୁ କହିଥିଲେ । ଏପଟେ ଯନ୍ତ୍ରୀଙ୍କ କଥା ଅଲଗା । ଅଧିକ ଲାଭଖୋର ମନୋବୃତ୍ତି ଯୋଗୁ ନିମ୍ନମାନର ମେଟାଲ ବ୍ୟବହାର କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ୧୨ ବର୍ଷ ହେଲା ଅଧାପନ୍ତରିଆ ପଡ଼ିରହିଛି ପୋଲ କାମ

### ଯିବା ଆସିବାରେ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ

ବୌଦ୍ଧ,୨୫ା୬( ଅଜିତ କୁମାର ବାରିକ )

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବଣ ପାହାଡ ଘେରା ଦୁର୍ଗମ ଅଞ୍ଚଳ ମହାଲିକପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଆଦିବାସୀବହୁଳ ନୂଆପଡା ଗାଁକୁ ଯିବା ପାଇଁ ଏକ ନାଳ ପାର ହେବାକୁ ପଡିଥାଏ । କିନ୍ତୁ ଦୀର୍ଘ ୧୨ବର୍ଷ ହେଲା ନୂଆପଡା ନାଳ ଉପରେ ପୋଲ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। ଫଳରେ ଏହି ପୋଲ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ବର୍ଷା ଦିନ ଆସିଲେ ହନ୍ତସନ୍ତ ହେବା ସହ ଯାତାୟାତ ଠପ୍ ହୋଇପଡୁଛି। ମହାଲିକପଡା ପଞ୍ଚାୟତର କୁଶଙ୍ଗ ମହାନଦୀ ଅଭୟାରଣ୍ୟର ହାତୀଗଡ-ନୂଆପଡା ମୁଖ୍ୟରାସ୍ତାରୁ ନୂଆପଡା ଉପରବସ୍ତିକୁ ସଂଯୋଗ କରୁଥିବା ରାସ୍ତା ଉପରେ ଏକ ନାଳ ରହିଛି। ଏହି ନାଳ ଯୋଗୁ ବର୍ଷାଦିନେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତକୁ ଦୃଷ୍ଟିରେ ରଖି ଏକ ପୋଲ ନିର୍ମାଣ କାର୍ଯ୍ୟ ପଞ୍ଚାୟତ ପକ୍ଷରୁ ଆରମ୍ଭ କରାଯାଇଥିଲା। କିନ୍ତୁ ଫାଉଣ୍ଡେଶନ ଷ୍ଟ୍ରକଚରରେ ଏହାର ନିର୍ମାଣ କାର୍ଯ୍ୟ ସୀମିତ ରହିଥିଲା। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ପୋଲ ନିର୍ମାଣ କାର୍ଯ୍ୟ କେବଳ ଠିକାଦାର ସନ୍ତୁଷ୍ଟି ପାଇଁ କରାଯାଇଥିବା ଦେଖିବାକୁ ମିଳିଛି। ନୂଆପଡାବାସୀଙ୍କ ଯାତାୟତ ସୁବିଧା ପାଇଁ ପୋଲ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଜିଲାପାଳଙ୍କ ବିରୋଧରେ ଭାଜପା ଦେଲା ଏତଲା

ବରଗଡ,୨୫ା୬(ପ୍ରେମାନନ୍ଦ ଖମାରୀ)

୫-ଟି ସଚିବ ଭି. କେ. ପାଣ୍ଡିଆନ ବରଗଡ଼ ଗସ୍ତରେ ସୋମବାର ଆସୁଛନ୍ତି। ତେବେ ଏହି ଗସ୍ତ ପାଇଁ ଜିଲା ପ୍ରଶାସନ ସମସ୍ତ ନିୟମକୁ ଉଲ୍ଲଂଘନ କରାଯାଇଥିବା ଭାଜପା ଅଭିଯୋଗ କରିଛି। ଏ ନେଇ ରବିବାର ଦଳ ପକ୍ଷରୁ ବରଗଡ଼ ଟାଉନ ଥାନାରେ ଜିଲାପାଳଙ୍କ ବିରୋଧରେ ଏତଲା ଦିଆଯାଇଛି। ୫-ଟି ସଚିବଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ଜିଲାର ସମ୍ପୂର୍ଣ୍ଣ ପ୍ରଶାସନିକ ଅଧିକାରୀଙ୍କୁ ତାଙ୍କ ଗସ୍ତକୁ ସଫଳ କରିବା ପାଇଁ ନିୟୋଜିତ କରାଯାଇଛି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ପକ୍ଷରୁ କୁହାଯାଇଛି, ବର୍ଷାଋତୁ ଆରମ୍ଭ ହୋଇଥିବା ବେଳେ ଜିଲାର ବିଭିନ୍ନ ସ୍କୁଲ ଏବଂ କଲେଜର ୨୨୦୦ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକଙ୍କ ବିନା ଅନୁମତିରେ ୫-ଟି ସଚିବଙ୍କ ସଭାରେ ଉପସ୍ଥିତ ରହିବା ସକାଶେ ଯାନବାହନରେ ଆଣିବା ପାଇଁ ସମ୍ପୃକ୍ତ ସ୍କୁଲ, କଲେଜ କର୍ତ୍ତୃପକ୍ଷ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ବରଗଡ଼ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ ବୋଲି ଭାଜପା ଅଭିଯୋଗ କରିଛି। ଜିଲାପାଳ ତାଙ୍କ ପଦବୀର ଦୁରୁପଯୋଗ କରି ବେଆଇନ ଭାବେ ଜିଲାର ପ୍ରଶାସନିକ କଳକୁ ବ୍ୟବହାର କରିଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାଜପା ଦାବି କରିଛି। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ଅରୂପା ସାହୁ, ଅଶୋକ କୁମାର ପଣ୍ଡା, ପ୍ରିତମ ସିଂ, ରବି ନାରାୟଣ ଦାଶ, ସୁବ୍ରତ ହୋତା, ଅବନୀକାନ୍ତ ପଣ୍ଡା, ଉର୍ଦ୍ଧ୍ୱଲୁ ତାଣ୍ଡି, ସୁଦାମ ମହାପାତ୍ର, ଅମିତ କୁମାର ପଣ୍ଡା, ଦେବେଶ ଶତପଥୀ, ବେଦାନ୍ତ ମିଶ୍ର, ଧନଞ୍ଜୟ ଦୀପ, ମମତା ଅଗ୍ରୱାଲ, ସୀମା ସିଂ ପ୍ରମୁଖ ଟାଉନ ଥାନାକୁ ଯାଇ ଏତଲା ଦେଇଥିଲେ। ତେବେ ଏ ନେଇ ଜିଲାପାଳ ମୋନିଷା ବାନାର୍ଜୀଙ୍କ ମତାମତ ମିଳିପାରିନାହିଁ।

# ଲଗାଣ ବର୍ଷା: ମୀନାବଜାରର ମଜା ନେଇପାରିଲେନି ଦର୍ଶକ

ବୌଦ୍ଧ,୨୫ା୬(ଅଜିତ କୁମାର ବାରିକ)

ଦୁଇ ଦିନ ହେଲା ବୌଦ୍ଧରେ ଲଗାଣ ବର୍ଷା ଲାଗି ରହିଛି । ଫଳରେ ରଥଯାତ୍ରା ଅବସରରେ ପଡିଥିବା ମୀନାବଜାରର ମଜା ନେଇ ପାରିନାହାନ୍ତି ଅଧିକାଂଶ ଦର୍ଶକ। ରଥଯାତ୍ରାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରରେ ଠାକୁରମାନଙ୍କ ଅବତାରୀ ବେଶ ସାଙ୍ଗକୁ ମୀନାବଜାର ମୁଖ୍ୟ ଆକର୍ଷଣ ହୋଇଥାଏ। ଦୂର ଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ପରିବାର ସହ ମୀନାବଜାର ବୁଲି ଦେଖିବା ସହିତ ବିଭିନ୍ନ ଘରକରଣା ସାମଗ୍ରୀ କିଣିବା ଓ ଚଟପଟି ଖାଦ୍ୟ ସାମଗ୍ରୀ ଖାଇ ମଜା ଉଠାଇଥାନ୍ତି। କିନ୍ତୁ ଚଳିତବର୍ଷ ପ୍ରଶାସନ ପକ୍ଷରୁ ଷ୍ଟାଡିୟମ ପଡିଆ ବଦଳରେ କଚେରୀ ଖେଳପଡିଆଠାରେ ମୀନାବଜାର ପକାଇବାକୁ ଅନୁମତି ଦିଆଯାଇଥିଲା। ସରକାରୀ ନୀତି ନିୟମ ମୁତାବକ ଟେଣ୍ଡର ଜରିଆରେ ମୀନାବଜାର ପଡିଥିଲେ ମଧ୍ୟ ପଡିଆ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ଯୋଗାଇ ଦିଆଯାଇ ନ ଥିଲା।



ମୀନାବଜାର ପଡିଆରେ ପାଣି ।

କଚେରୀ ଖେଳପଡିଆ ଚାରିପଟେ ଡ୍ରେନ ନିର୍ମାଣ ପାଇଁ ନୂତନ ଭାବରେ ମାଟି ପକାଯାଇଥିବା ବେଳେ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଦୁଇଦିନ ହେଲା ପ୍ରାକ୍ ମୌସୁମୀ ଲଗାଣବର୍ଷାରେ ମୀନାବଜାର ପଡିଥିବା କଚେରୀ ଖେଳପଡିଆ ଜଳମଗ୍ନ ହୋଇଯାଇଥିବା ଦେଖିବାକୁ ମିଳିଛି। ମୀନାବଜାର ଷ୍ଟଲଗୁଡିକ ମଧ୍ୟରେ ଆଣ୍ଠୁଏ ଲେଖାଏ ବର୍ଷାଜଳ ଜମି ରହିଥିବା ବେଳେ ବ୍ୟବସାୟୀମାନଙ୍କ ଅନେକ ସାମଗ୍ରୀ ଭିଜି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି।

### କ୍ଷତିଗ୍ରସ୍ତ ହେଲେ ବ୍ୟବସାୟୀ

ଚଳିତବର୍ଷ ମୀନାବଜାର ଚଢାଦରରେ ନିଲାମ ହୋଇଥିବା ବେଳେ ଲଗାଣବର୍ଷା ଆୟୋଜକ ଓ ବ୍ୟବସାୟୀମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅନ୍ୟପଟେ ଜିଲା ପ୍ରଶାସନ ଟେଣ୍ଡର ଜରିଆରେ ଚଢାଦର କରି କେବଳ ପଡିଆ ଦେଖାଇ ବାକି ସବୁ ଦାୟିତ୍ୱ ଆୟୋଜକଙ୍କ ଉପରକୁ ଠେଲି ଦେଇଥିବା ଅଭିଯୋଗ ହେଉଛି। ଏନଏସି ପକ୍ଷରୁ ସୂଚନା ଦିଆଯିବା ପରେ ଦିନ ତମାମ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପମ୍ପ ଦ୍ୱାରା ବର୍ଷାଜଳ ନିଷ୍କାସନ ପାଇଁ ଲାଗିଥିଲେ ହେଁ ପଡିଆରୁ ସମ୍ପୂର୍ଣ୍ଣ ଜଳ ନିଷ୍କାସନ ହୋଇ ପାରିନାହିଁ। ବ୍ୟବସାୟ ପାଇଁ ମୋଟା ଅର୍ଥ ଦେଉଥିଲେ ମଧ୍ୟ ମୀନାବଜାର ପାଇଁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଡିଆ କିମ୍ବା କୌଣସି ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଉ ନ ଥିବାରୁ ବ୍ୟବସାୟୀ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ସୋନପୁର ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ କୃଷ୍ଣ ଓ ବଳରାମ ବେଶରେ ଶ୍ରଦ୍ଧାଳୁଙ୍କୁ ରବିବାର ଦର୍ଶନ ଦେଉଛନ୍ତି।



ରବିବାର ବୌଦ୍ଧ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ଶ୍ରୀରାମ, ବଳରାମ ବେଶ ।




## ସଂକ୍ଷେପରେ

### ସ୍ୱାମୀ କାର୍ ପାର୍କିଂ କରୁଥିବା ବେଳେ ଚଢ଼ିଗଲା, ସ୍ତ୍ରୀ ମୃତ

**ରାଉରକେଲା,୨୫।୬(ଦିନେଶ ମିଶ୍ର):** ରାଉରକେଲା ଛେଣ୍ଡ ଏମ୍ଆଇଜି ବ୍ଲକରେ କାର୍ ପାର୍କିଂ ବେଳେ ଜଣେ ମହିଳାଙ୍କ ଉପରେ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଶାନ୍ତି ସାହୁ (୫୭)। ଏ ନେଇ ଛେଣ୍ଡ ପୋଲିସ ଏକ ମାମଲା (ନଂ.୯୧।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଛେଣ୍ଡ କଲୋନୀ ଏମ୍ଆଇଜିର ଗଣେଶ ରାମ ସାହୁ ରାଉରକେଲା ପୋଲିସରେ ହାବିଲଦାର କାମ କରି ଅବସର ନେଇଛନ୍ତି। ବରଗଡ ଜିଲା ଅତାବିରାରେ ଗଣେଶଙ୍କ ଗାଁରେ ରବିବାର ସନ୍ଧ୍ୟାରେ ଏକ ବାହାଘର ଭୋଜି ଥିଲା। ଏହି ଭୋଜିରେ ଯୋଗଦେବା ପାଇଁ ଗଣେଶ ତାଙ୍କ କାର୍‌ରେ ତେଲ ପକାଇବାକୁ ଛେଣ୍ଡ ପେଟ୍ରୋଲ ପମ୍ପକୁ ରବିବାର ସକାଳ ୯ଟାରେ ଯାଇଥିଲେ। ଅନ୍ୟପଟେ ତାଙ୍କ ସ୍ତ୍ରୀ ଶାନ୍ତି ବାହାଘର ଭୋଜିରେ ଯୋଗଦେବା ପାଇଁ ସଜବାଜ ହୋଇ ଘରେ ସ୍ୱାମୀଙ୍କୁ ଅପେକ୍ଷା କରିଥିଲେ। କିଛି ସମୟ ପରେ ଗଣେଶ ଘରେ ପହଞ୍ଚିଥିଲେ। ଏହି ସମୟରେ ଶାନ୍ତି ଘର ଗ୍ୟାରେଜରେ କାର୍ ପାର୍କ ପାଇଁ ଗେଟ୍ ଖୋଲୁଥିବାବେଳେ ହଠାତ କାର୍‌ର ଆଗ ଚକ ତାଙ୍କ ଡାହାଣ ପଟ ଜଙ୍ଘରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ସାଢେ ୧ଟାରେ ମହିଳାଙ୍କର ମୃତ୍ୟୁ ହୋଇଥିଲା।

### ଅବଡ଼ା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି

**ରାଉରକେଲା,୨୫।୬(ସଙ୍ଗୀତା ଜେନା):** ରାଉରକେଲାର ବିଭିନ୍ନ ଗୁଣ୍ଡିଚା ମନ୍ଦିରରେ ଅବଡା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏହି କ୍ରମରେ ସେକ୍ଟର-୩ ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ଠାକୁର ରହୁଥିବା ସେକ୍ଟର-୫ ଗୁଣ୍ଡିଚା ମନ୍ଦିର ସମେତ ଛେଣ୍ଡ ସ୍ଥିତ ଉମାଶଙ୍କର ପୀଠ ଗୁଣ୍ଡିଚା ମନ୍ଦିର, କୋଏଲନଗର, ସେକ୍ଟର-୮ ଗୁଣ୍ଡିଚା ମନ୍ଦିର, ହନୁମାନ ବାଟିକା ସମେତ ବିଭିନ୍ନ ଗୁଣ୍ଡିଚା ମନ୍ଦିରରେ ଅବଡ଼ାର ଚାହିଦା ବଢ଼ିଛି। ସେକ୍ଟର-୫ ଗୁଣ୍ଡିଚା ଟ୍ରଷ୍ଟ ଆୟୋଜିତ ଏହି ଆୟୋଜନ ବେଶ୍ ଭବ୍ୟ ରହିଛି। ଟ୍ରଷ୍ଟ ସଭାପତି ହରିହର ରାଉତରାୟ କୁହନ୍ତି, ୬୩ ବର୍ଷରୁ ଏହି ଯାତ ଆମେ ଆୟୋଜନ କରୁଛୁ। ଅନନ୍ତ ବାସୁଦେବ ପୀଠରୁ ପ୍ରତ୍ୟେକ ବର୍ଷ ୭ ଜଣିଆ ପଣ୍ଡା ଆସି ଏହି ସୁସ୍ୱାଦୁ ଅବଡ଼ା ପ୍ରସ୍ତୁତ କରିଥାନ୍ତି। ସ୍ଥାନୀୟ ଲୋକଙ୍କ ସମେତ ନୂଆଗାଁ, ପାନପୋଷ, ରାଜଗାଙ୍ଗପୁର ଆଦି ଅଞ୍ଚଳରୁ ଭକ୍ତ ଆସି ଅବଡ଼ା ନେଇଥାନ୍ତି। ଅବଡାର ଚାହିଦା ଏତେ ପରିମାଣରେ ରହିଛି ଅନେକ ସମୟରେ ଭକ୍ତଙ୍କୁ ଯୋଗାଇବା କଷ୍ଟକର ହୋଇପଡୁଛି। ରାଧାକୃଷ୍ଣ ମନ୍ଦିର କମିଟି ପକ୍ଷରୁ ସଭାପତି ହରିହର ବେହେରା, ସମ୍ପାଦକ ରବିନ୍ଦ୍ର ପାଣ୍ଡବଙ୍କ ସମେତ ଅନ୍ୟମାନେ ନିଃଶୁଳ୍କ ପ୍ରସାଦ ବଣ୍ଟନ କରିଥାନ୍ତି। ସେହିପରି ଛେଣ୍ଡ ସ୍ଥିତ କଳିଙ୍ଗ ବିହାର ଉମାଶଙ୍କର ପୀଠ ଗୁଣ୍ଡିଚା ମନ୍ଦିରରେ ୨୦୦୬ରୁ ପୁରୀର ୫ ଜଣ ପଣ୍ଡାଙ୍କ ଦ୍ୱାରା ପ୍ରସ୍ତୁତ ଅବଡ଼ା ପରଷା ଯାଉଛି। ବଡ଼ ଜନବସତି ଛେଣ୍ଡରେ ଏହା ଯୋଗାଇବା କଷ୍ଟକର ହୋଇପଡେ ବୋଲି ଉମାଶଙ୍କର ପୀଠ ସଭାପତି ବି.ଏନ. ପଟ୍ଟନାୟକ କହିଛନ୍ତି। ସେହିପରି କୋଏଲନଗର, ସେକ୍ଟର-୮, ଦକ୍ଷିଣ ରାଉରକେଲା ଓ ଅନ୍ୟ ସ୍ଥାନରେ ଗୁଣ୍ଡିଚା ମନ୍ଦିରରେ ଅବଡ଼ା ପ୍ରସ୍ତୁତ କରାଯାଉଛି। ଯାତ୍ରା ସମୟରେ ଅବଡା ଶ୍ରଦ୍ଧାଳୁମାନଙ୍କ ପସନ୍ଦ ହୋଇଥିବାରୁ ବିଭିନ୍ନ ମନ୍ଦିରରେ ଗହଳି ଦେଖିବାକୁ ମିଳିଛି।

# ବଜାରରେ ପାଣି, ମୁଖ୍ୟରାସ୍ତାରେ ଦୋକାନୀ

**ରାଉରକେଲା,୨୫।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମାତାପୂଜା ଦୈନିକ ବଜାରରେ ବର୍ଷା ପାଣି ଯୋଗୁ ବ୍ୟବସାୟୀମାନେ ମୁଖ୍ୟରାସ୍ତାରେ ବିକ୍ରିବଟା କରୁଥବବା ଦେଖିବାକୁ ମିଳିଛି। ଫଳରେ ଯାନବାହନ ଚଳାଚଳରେ ଅସୁବିଧା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

ରେଲୱେ କଲୋନୀ ମାତାପୂଜା ଦୈନିକ ବଜାରର ଶତାଧିକ ଦୋକାନୀ ଦୀର୍ଘ ୨୦ ବର୍ଷ ହେଲା ରାଉରକେଲା ରେଲୱେ ଆଇଓଡବ୍ଲ୍ୟୁ ବିଭାଗକୁ ଦୈନିକ ୧୦ଟଙ୍କା ଲେଖାଏଁ ଟିକସ ପ୍ରଦାନ କରି ଆସୁଛନ୍ତି। ଏହାସତ୍ତ୍ୱେ ମାତାପୂଜା ବଜାରରେ ବିଭାଗ ପକ୍ଷରୁ ନା ଦୋକାନୀଙ୍କ ପାଇଁ ପିଣ୍ଡି ତିଆରି ହୋଇଛି ନା ବଜାରରେ କଂକ୍ରିଟକରଣ କରାଯାଇଛି। ଦୋକାନୀମାନଙ୍କ ପାଖରୁ ଲକ୍ଷ ଲକ୍ଷ ଟଙ୍କା ଟିକସ ଆଦାୟ କରାଯାଇଥିଲେ ମଧ ବଜାର ଭିତ୍ତିଭୂମି ଉନ୍ନତୀକରଣ ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ବର୍ଷା ସମୟରେ ଦୋକାନ ବଜାର ଖୋଲିବା ବେପାରୀଙ୍କ ପାଇଁ କଷ୍ଟକର ହେଉଛି। ରାଉରକେଲା ସହରରେ ଦୁଇଦିନ ହେଲା ଲଗାଣ ବର୍ଷା ଜାରି ରହିଥିବା ବେଳେ ବଜାର ପ୍ରାଙ୍ଗଣରେ ବର୍ଷାପାଣି ଜମି ରହିଥିବାରୁ ଦୋକାନୀମାନେ ବାଧହୋଇ ରବିବାର ମୁଖ୍ୟରାସ୍ତାରେ ସେମାନଙ୍କ ପସରା ଖୋଲିଥିବା କହିଛନ୍ତି। ଏ ନେଇ ଦୋକାନୀ କାରୋ ସାହୁ, ସନ୍ତୋଷ ସାହୁ, ଧର୍ମା ରାଓ ଓ ବିକାଶ ଯାଦବ କୁହନ୍ତି, ଆମେ ଦୈନିକ ଟିକସ ଆକାରରେ ୧୦ଟଙ୍କା ଲେଖାଏଁ ଦେଉଛୁ। ମାତ୍ର ବିଭାଗ ପକ୍ଷରୁ ଦୋକାନ ଖୋଲିବା ପାଇଁ ବଜାର ପ୍ରାଙ୍ଗଣର ଉନ୍ନତୀକରଣ ହେଉନାହିଁ। ଉଲ୍ଲେଖନୀୟ, ମାତାପୂଜା ଦୈନିକ ବଜାର ସହରର ଏକ ପୁରାତନ ବଜାର। ଏହି ବଜାର ଉପରେ ରେଲୱେ କଲୋନୀ, ବାସନ୍ତୀ କଲୋନୀ ସହ ଆଖପାଖ ଅଞ୍ଚଳର ହଜାର ହଜାର ଖାଉଟି ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ନିର୍ଭର କରନ୍ତି। ଏ ନେଇ ରେଲୱେ ଆଇଓଡବ୍ଲ୍ୟୁ ଜୁନିୟର ଇଞ୍ଜିନିୟର ତୁହିନ ଶତପଥିଙ୍କୁ ପଚାରିବାରୁ ସେ କହିଲେ, ସମସ୍ତ ଦୋକାନୀଙ୍କ ପାଖରୁ ଦୈନିକ ୧୦ଟଙ୍କା ଲେଖାଏଁ ଟିକସ ନିଆଯାଉଛି। ମାତ୍ର ମୁଖ୍ୟରାସ୍ତାରେ ବଜାର ଖୋଲିବା ତାଙ୍କ ନିଜସ୍ୱ କଥା। ଏଥିରେ ଆମ ବିଭାଗର କୌଣସି ଭୂମିକା ନାହିଁ। ଦୁଇମାସ ହେଲା ମୁ ବିଭାଗରେ ଯୋଗ ଦେଇଛି। ବଜାର ସମସ୍ୟା ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ବିଚାର ବିମର୍ଶ କରାଯିବ ବୋଲି ସେ କହିଥିଲେ।


ମୁଖ୍ୟରାସ୍ତାରେ ଦୋକାନୀମାନେ ପସରା ଖୋଲି ବସିଛନ୍ତି ।

# ମେଧାବୀ ବିଦ୍ୟାର୍ଥୀ ସର୍ବଗୁଣ ସମ୍ପନ୍ନ ହେବା ଆବଶ୍ୟକ

### ସମର୍ପଣ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ରାଉରକେଲା,୨୫।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା କ୍ଲବଠାରେ ସାମାଜିକ ଅନୁଷ୍ଠାନ ସମର୍ପଣ ପକ୍ଷରୁ ରବିବାର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତି ଝୁନୁ ନାୟକଙ୍କ ସଭାପତିତ୍ୱରେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟଅତିଥି, ସୌଦାମିନୀ ସିଂ ମୁଖ୍ୟବକ୍ତା, ଗଗନ ବିହାରୀ ପଣ୍ଡା, ଡା. ଶ୍ୟାମସ୍ମୃତି ପଟ୍ଟନାୟକ, ଆର୍ଏସ୍ପି ଅଧିକାରୀ ସ୍ୱପ୍ନେନ୍ଦ୍ର ଦାଶ, ଡା. ଅମରେଶ ପଟ୍ଟନାୟକ, ପିଙ୍କୁ ଜଶଓ୍ୱାଲ, ରଜତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ୨୫ଟଇ ବିଦ୍ୟାଳୟର ୫୦ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ, ଉତ୍ତମ ଚରିତ୍ର ଗଠନ, କଠୋର ଅଧ୍ୟବସାୟ ପ୍ରସ୍ତୁତି, ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବା ସହ ମେଧାବୀ ବିଦ୍ୟାର୍ଥୀ ହେବାକୁ ହେଲେ ସର୍ବଗୁଣ ସମ୍ପନ୍ନ ହେବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ।



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

# ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର

### ଟିସିଆଇ-ଆଇଡିସି ବାଇପାସ ରାସ୍ତାରେ ଗାତଖୋଳା ଆରମ୍ଭ

**ରାଉରକେଲା,୨୫।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଟିସିଆଇ-ଆଇଡିସି ବାଇପାସ ରାସ୍ତାରେ ଗ୍ୟାସ ପାଇପ୍ ବିଛା କାମ ଚାଲିଛି। ସମ୍ପୃକ୍ତ ଠିକାସଂସ୍ଥା ପାଇପ୍ ବିଛାଇବା ନାଁରେ ରାସ୍ତାରେ ବଡ ବଡ ଗାତ ଖୋଳି ଦେଉଛି। ଫଳରେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏ ନେଇ ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ ଅବଗତ ହେବା ପରେ ସମ୍ପୃକ୍ତ ଠିକାସଂସ୍ଥାକୁ ଡାକି ଟିସିଆଇ-ଆଇଡିସି ମୁଖ୍ୟରାସ୍ତା ସମତୁଲ କରିବା ସହ ଗାତ ଖୋଳିଲେ ତୁରନ୍ତ ପୋତିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଉକ୍ତ ଠିକାସଂସ୍ଥା ବାଇପାସ ରାସ୍ତାରେ ଗାତ ଗୁଡିକୁ ପୋତି ସମତୁଲ କରିଥିଲା। ମାତ୍ର ଉପଜିଲାପାଳଙ୍କ ନିର୍ଦ୍ଦେଶର ୨ମାସ ନ ବିତୁଣୁ ଠିକାସଂସ୍ଥା ପୁନର୍ବାର ଗାତ ଖୋଳିବାରେ ଲାଗିଛି। ଗୋଟିଏ ପଟେ ବର୍ଷା ପାଣି ଅନ୍ୟପଟେ ଗାତଖୋଳା ମାଟି କାଦୁଅ ରାସ୍ତାକୁ ଦୁର୍ଗମ କରିଦେଇଛି। ରାସ୍ତାରେ ଯାତାୟାତ କରିବାରେ ଯାତ୍ରୀମାନଙ୍କ ପାଇଁ ସମସ୍ୟା ହେଉଛି। ତୁରନ୍ତ ଟିସିଆଇ-ଆଇଡିସି ବାଇପାସ ରାସ୍ତାର ଗାତ ମାନ ପୋତି ସମତୁଲ କରିବାକୁ ଅଞ୍ଚଳାବାସୀ ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ଅଭିମନ୍ୟୁ ମାଝୀଙ୍କୁ ପଚାରିବାରୁ ସେ କହିଲେ, ଠିକାସଂସ୍ଥାର ଏଭଳି ମନମୁଖି କାର୍ଯ୍ୟକଳାପ ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ରାସ୍ତାରେ ଖୋଳା ଯାଇଥିବା ଗାତଗୁଡିକ ତୁରନ୍ତ ପୋତିବା ସହ ରାସ୍ତା ସମତୁଲ କରିବା ପାଇଁ ଠିକାସଂସ୍ଥାକୁ କୁହାଯିବ ବୋଲି ମାଝୀ କହିଥିଲେ।


ଟିସିଆଇ-ଆଇଡିସି ବାଇପାସ ରାସ୍ତାରେ ଠିକାସଂସ୍ଥା ଗାତ ଖୋଳି ଦେଇଛି।

### ସାପ କାମୁଡାରେ ଯୁବକ ମୃତ

**ରାଉରକେଲା,୨୫।୬(ଦିନେଶ ମିଶ୍ର)**

ଭାଲୁଲତା ଥାନା ଅନ୍ତର୍ଗତ ମୁଣ୍ଡାରୀ ବସ୍ତିରେ ଜଣେ ଯୁବକଙ୍କୁ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କିଶୋର ମୁଣ୍ଡାରୀ(୩୫)। କିଶୋର ଶନିବାର ରାତି ସାଢେ ୯ଟାରେ ଖାଇସାରି ଘର ବାହାର ପିଣ୍ଡାରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସକାଳ ହେବାରୁ ତାଙ୍କ ବାମଗୋଡ ଫୁଲିବା ସହ ପାଟିରୁ ନାଳ ବାହାରିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଭାଲୁଲତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆରଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ରବିବାର ଅପରାହ୍ନ ୩ଟାରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଭିକ୍ଷାବୃତ୍ତି କବଳରେ ଶୈଶବ


ବାଳ ମୁକୁନ୍ଦ ଶୁକ୍ଳା


ଶ୍ରୀବନ୍ତ ଜେନା


ନିତେଶ କୁମାର

**ରାଉରକେଲା,୨୫।୬(ସଙ୍ଗୀତା ଜେନା)**

ରାଉରକେଲା ସହରରେ ଭିକ୍ଷାବୃତ୍ତି କରୁଥିବା ଶିଶୁମାନଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେକ୍ଟର-୧୯, ରାଉରକେଲା ଷ୍ଟେଶନ, ନୂଆ ବସଷ୍ଟାଣ୍ଡ, ବିଶ୍ରା ଛକ ଓ ବିଭିନ୍ନ ବସ ରହଣି ସ୍ଥାନରେ ଏମାନଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ସେକ୍ଟର-୧୯ ଆମ୍ବାଗାନ ମାର୍କେଟ, ଗଜପତି ମାର୍କେଟ ସମେତ ବିଭିନ୍ନ ଅଞ୍ଚଳରେ ପ୍ରାୟ ଦିନତମାମ ୩ରୁ ୧୪,୧୫ ବର୍ଷ ଶିଶୁ ଭିକ୍ଷାବୃତ୍ତି କରୁଛନ୍ତି। ଏପରିକି ସନ୍ଧ୍ୟାରେ ମାର୍କେଟ ଅଞ୍ଚଳରେ ଅଧିକ ଗହଳି ସମୟରେ ଗ୍ରାହକମାନଙ୍କୁ ସେମାନେ ଜୋର ଜବରଦସ୍ତ ଭିକ୍ଷା ମାଗୁଛନ୍ତି।

ଏପରି ଶିଶୁମାନଙ୍କୁ ସେମାନଙ୍କ ପିତାମାତା ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି। ଶିଶୁ ଅବୋଧ ଥିବାରୁ ଏହାର କୁପରିଣାମ ଜାଣି ନ ଥାଏ ବୋଲି ସାମାଜିକ କର୍ମୀ ନିତେଶ କୁମାର କୁହନ୍ତି। ସୁନ୍ଦରଗଡ଼ ଶିଶୁ କଲ୍ୟାଣ ସମିତି ସଦସ୍ୟ ବାଳ ମୁକୁନ୍ଦ ଶୁକ୍ଳା କୁହନ୍ତି, ପିତାମାତା ଶିଶୁମାନଙ୍କୁ ଭିକ୍ଷାବୃତ୍ତିରେ ନିୟୋଜିତ କରି ସେମାନଙ୍କ ଭବିଷ୍ୟତ ଅନ୍ଧକାର କରୁଛନ୍ତି। ଯେପରି ଦିଲ୍ଲୀ ଭଳି ସହରରେ ଭିକ୍ଷାବୃତ୍ତି ନିଷେଧ କରାଯାଇଛି। ଓଡ଼ିଶାରେ ମଧ୍ୟ କଡ଼ା ଆଇନ ଲାଗୁ ହେବା ଉଚିତ। ପିତାମାତା ଶିଶୁଙ୍କୁ ପ୍ରତିପୋଷଣରେ ଅକ୍ଷମତା ପ୍ରକାଶ କଲେ ସେମାନଙ୍କୁ ଉଦ୍ଧାର କରି ଚାଇଲ୍ଡ କେୟାରରେ ରଖାଯିବା ନିୟମ ରହିଛି। ହେଲେ ଧରାପଡ଼ିବା ପରେ ପିତାମାତା ହିଁ ପିଲାମାନଙ୍କୁ ସୁରକ୍ଷା ଦେଇ ନେଇ ଯାଉଛନ୍ତି ବୋଲି ଶୁକ୍ଳା କହିଛନ୍ତି। ଅନୁରୂପ ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା କହିଛନ୍ତି, ଏ ବାବଦରେ ଆମେ ଅବଗତ ହୋଇ ନ ଥିଲୁ। ଉକ୍ତ ଅଞ୍ଚଳ ଗୁଡ଼ିକରେ ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁଙ୍କୁ ଉଦ୍ଧାର କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ସେକ୍ଟର-୧୯ ଥାନାକୁ ଶିଶୁମିତ୍ର ଥାନା ଭାବେ ଘୋଷଣା କରାଯାଇଛି।

# ବର୍ଷାପାଣି ଘେରରେ ଟିସିଆଇ ବିଶ୍ୱକର୍ମା ବିହାର ବସ୍ତି

**ରାଉରକେଲା,୨୫।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାରେ ୨ଦିନ ହେଲା ଲଗାଣ ବର୍ଷା ଯୋଗୁ ତାତି କମିଥିବା ବେଳେ ସହରର ଟିସିଆଇ ବିଶ୍ୱକର୍ମା ବିହାର ବସ୍ତି ବାସିନ୍ଦାଙ୍କ ସମସ୍ୟା ବଢିଯାଇଛି। ଲଗାଣ ବର୍ଷା ସେମାନଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ବର୍ଷା ଯୋଗୁ ବର୍ତ୍ତମାନ ସେମାନେ ପାଣି ଘେରରେ ରହିଛନ୍ତି। ଘରୁ ବାହାରିବା ବସ୍ତି ବାସିନ୍ଦାଙ୍କ ପାଇଁ ମୁସ୍କିଲ ହୋଇପଡିଛି। ତେବେ ଏଭଳି ପରିସ୍ଥିତି ପଛର କାରଣ ବୀରମିତ୍ରପୁର-ଲହୁଣୀପଡା ଜାତୀୟ ରାଜପଥ ନିର୍ମାଣ କାମ ବୋଲି ଦାୟୀ ବୋଲି ବସ୍ତି ବାସିନ୍ଦା କହିଛନ୍ତି।

ଅଭିଯୋଗ ମୁତାବକ, ୨୦୧୬-୧୭ରେ ରାଜପଥ ନିର୍ମାଣ କାର୍ଯ୍ୟ ବେଳେ ବିଶ୍ୱକର୍ମା ବିହାର ବସ୍ତି ମୁଖ୍ୟରାସ୍ତା ପାର୍ଶ୍ୱସ୍ଥ ଡ୍ରେନକୁ ପୋତି ଦିଆଗଲା। ଆରଏମସି ପକ୍ଷରୁ ମଧ ରାଜପଥ ନିର୍ମାଣ ନିରୀକ୍ଷଣ କରାଯିବା ସହିତ ରାସ୍ତା ନିର୍ମାଣ ପାଇଁ ସହମତି ପ୍ରକାଶ ପାଇଲା। ମାତ୍ର ଡ୍ରେନେଜ ଉପରେ କାହାରି ନଜର ପଡିଲା ନାହିଁ। ଫଳରେ ଜାତୀୟ ରାଜପଥର ବର୍ଷାପାଣି ସିଧାସଳଖ ରାସ୍ତାପାର୍ଶ୍ୱ ଦେଇ ବସ୍ତି ମଧ୍ୟକୁ ପ୍ରବେଶ କଲା। ପ୍ରାୟ ୪ବର୍ଷ ହେଲା ବର୍ଷା ସମୟରେ ବସ୍ତିରେ ବସବାସ କରୁଥିବା ପାଖାପାଖି ୨ହଜାର ଲୋକ ଜଳବନ୍ଦୀ ପରିସ୍ଥିତିରେ ସମ୍ମୁଖୀନ ହେଉଛନ୍ତି। ବର୍ଷା ସମୟରେ ବସ୍ତି ବାସିନ୍ଦାଙ୍କୁ ଘରୁ ବାହାରିବା ମଧ ମୁସ୍କିଲ ହୋଇଯାଉଛି ବୋଲି ବସ୍ତିର ଛୋଟୁ ଭୂମିଜ, ଗୁପ୍ତେଶ୍ୱର ଶର୍ମା, ବିଶ୍ୱନାଥ ପ୍ରସାଦ ପ୍ରମୁଖ କହିଛନ୍ତି। ଏ ନେଇ ରାଉରକେଲା ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ଉକ୍ତ ସମସ୍ୟା ନିଶ୍ଚିତ ଚିନ୍ତାଜନକ। ଏହାର ଅବଲୋକନ କରାଯିବା ପରେ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।


ବସ୍ତିରେ ବର୍ଷାପାଣି ଜମି ରହିଛି।

# ଆଇସ୍କ୍ରିମ ଦୋକାନରେ ନିଆଁ

**ରାଉରକେଲା,୨୫।୬(ଦିନେଶ ମିଶ୍ର):** ବିଶ୍ରା ଛକରେ ଥିବା ଏକ ଆଇସକ୍ରିମ୍ ଦୋକାନରେ ବିଦ୍ୟୁତ ସର୍ଟ୍‌ସର୍କିଟ ଯୋଗୁ ନିଆଁ ଲାଗିଯିବାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ରାଉରକେଲା ଡେଲିମାର୍କେଟ ଅଞ୍ଚଳର ଦେବେନ୍ଦ୍ର କୁମାର ଜେନା ରାଉରକେଲା ବିଶ୍ରା ଛକରେ ଏକ ଆଇସକ୍ରିମ ଓ କୋଲଡ୍ରିଙ୍କସ ଦୋକାନ କରିଛନ୍ତି। ସେ ଶନିବାର ରାତି ସାଢେ ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳ ସାଢେ ୯ଟାରେ ଦୋକାନଟି ବନ୍ଦ ଥିବାବେଳେ ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗି ଯାଇଥିଲା। ଦୋକାନରୁ ନିଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ବାହୁଡ଼ା ଯାତ୍ରା, ଇଦ୍ ଉଲ୍ ଜୁହା ପାଇଁ ସମୀକ୍ଷା ବୈଠକ

**ରାଉରକେଲା,୨୫।୬(ବିପ୍ଳବ ରଞ୍ଜନ ଦାଶ)**

ବାହୁଡା ଯାତ୍ରା ଓ ଇଦ୍ ଉଲ୍ ଜୁହା ପାଳନ ପରିପ୍ରେକ୍ଷୀରେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନାରେ ରବିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଏସ୍ପି ଅନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ଲାଣ୍ଟସାଇଟ୍ ଥାନାଧିକାରୀ ସନ୍ତୋଷ କୁମାର ଜେନା ଏବଂ ଉଦିତନଗର ଥାନା ଆଇଆଇସି ରବୀନ୍ଦ୍ର ନାଥ ପାତ୍ର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ରାଉରକେଲା ସହରର ରଥଯାତ୍ରା କମିଟି ଏବଂ ଇଦ୍ କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ତେବେ ଉଭୟ କାର୍ଯ୍ୟକ୍ରମ ଯେଭଳି ଶାନ୍ତିଶୃଙ୍ଖଳାରେ ହେବ ତାକୁ ଦୃଷ୍ଟିରେ ରଖି ସମସ୍ତେ ଯତ୍ନଶୀଳ ହେବାକୁ ପରାମର୍ଶ ଦିଆଯାଇଥିଲା।


ପ୍ଲାଣ୍ଟସାଇଟ ଥାନାରେ ଚାଲିଥିବା ବୈଠକ ।

# ବିକାଶ ପ୍ରସଙ୍ଗରେ ଏକ ହେବାକୁ ଆହ୍ୱାନ

### ଜିଲାସ୍ତରୀୟ ଶ୍ରମିକ କର୍ମଚାରୀ କନଭେନଶନ

**ରାଉରକେଲା,୨୫।୬(ସଙ୍ଗୀତା ଜେନା)**

ରାଉରକେଲା ନାଗରିକ ସୁରକ୍ଷା କମିଟି ଆହ୍ୱାନ କ୍ରମେ ରବିବାର ଭଞ୍ଜ ଭବନ ସ୍ଥିତ ଆଦର୍ଶ ପାଠାଗାରରେ ଏକ ମିଳିତ ଜିଲାସ୍ତରୀୟ ଶ୍ରମିକ କର୍ମଚାରୀ କନଭେନଶନ ଅନୁଷ୍ଠିତ ହୋଇଯାଇଛି। ନାଗରିକ ସୁରକ୍ଷା କମିଟି ସଦସ୍ୟ ସଞ୍ଜୀବ ମହାନ୍ତି, ଶ୍ରୀମନ୍ତ ବେହେରା, ସତ୍ୟପ୍ରିୟ ମହାନ୍ତି, ଭରତ ବାଇଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ କନଭେନଶନ ପରିଚାଳନା କରିଥିଲେ। ନାଗରିକ ସୁରକ୍ଷା କମିଟି ପ୍ରମୁଖ ବିଷ୍ଣୁ ମହାନ୍ତି ସୁନ୍ଦରଗଡ଼ ଜିଲା ତଥା ରାଉରକେଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଦଳମତ ନିର୍ବିଶେଷରେ ସମସ୍ତ ଶ୍ରମିକ, କର୍ମଚାରୀ ସଙ୍ଗଠନ, ଟ୍ରେଡ୍ ୟୁନିୟନ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। କନଭେନଶନରେ ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଏଆଇଟିୟୁସି ଜିଲା ସମ୍ପାଦକ ସଦାନନ୍ଦ ସାହୁ, ସମ୍ପାଦକ ଅଜିତ ନାୟକ, ସିୟର ସମ୍ପାଦକ ହେମନ୍ତ ବେହୁରା, ଜୀବନ ବୀମା କର୍ମଚାରୀ ସଂଘ ନେତା ଭାଗିରଥି ଗୁଡ୍ଡୁ, ଟେଲିକମ କର୍ମଚାରୀ ସଂଘ ନେତା ଦେବଜିତ ତ୍ରିପାଠୀ, ଡାକ କର୍ମଚାରୀ ସଂଘ ନେତା ରଞ୍ଜନ କୁମାର ରାଉତ, ପି. ଆର୍ ଦାସ, ଶିକ୍ଷକ ନେତା ବ୍ରଜେନ୍ଦ୍ର ଦାସ, ଆମ୍ ଆଦମୀ ପାର୍ଟି ନେତା ବିନୟ ତିୟାରୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସେମାନେ ନାଗରିକ ସୁରକ୍ଷା କମିଟି ଉଠାଇଥିବା ସମସ୍ତ ଦାବିକୁ ସମର୍ଥନ କରିବା ସହ ମହା କନଭେନଶନକୁ ସଫଳ କରିବାକୁ କହିଥିଲେ। ନାଗରିକ ସୁରକ୍ଷା କମିଟି ସଦସ୍ୟ ରାଜ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଟ୍ରେଡ ୟୁନିୟନ ଓ କର୍ମଚାରୀ ସଂଘର ନେତା ତ୍ରିଲୋଚନ ପରିଡ଼ା, ମନୋରଞ୍ଜନ ଦାସ, ବି. ପି. ମହାପାତ୍ର, ହୃଦୟାନନ୍ଦ ଯାଦବ, ରତ୍ନାକର ନାୟକ, ସୁରେନ୍ଦ୍ର ଦାଶ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଦିବାକର ମହାରଣା ସହଯୋଗ କରିଥିଲେ। ଆଗାମୀ ଅଗଷ୍ଟ ୨୦ରେ ନାଗରିକ ସୁରକ୍ଷା କମିଟି ଆହ୍ୱାନରେ ମହା କନଭେନଶନରେ ଶହ ଶହ ଶ୍ରମିକ କର୍ମଚାରୀଙ୍କୁ ସାମିଲ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।



ଫଟୋ: ବିବେକ
ମଞ୍ଚରେ ଉପସ୍ଥିତ ବିଭିନ୍ନ ସଂଘର ନେତୃମଣ୍ଡଳୀ।

## ରକ୍ତଦାନ ଶିବିର, ୨୫ ୟୁନିଟ୍ ସଂଗ୍ରହ

ଭେଡ଼େନ,(ସୁଦନ ମହାକୁର): ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ତାଳମେଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାହେଶ୍ୱରୀ ସେନା ଓ ଅର୍ପଣ ଅନୁଷ୍ଠାନର ମିଳିତ ସହଯୋଗରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ସେନାବାହିନୀରେ କାର୍ଯ୍ୟରତ କନିଷ୍ଠ କମିଶନ ଅଫିସର ନିର୍ମଳ ଦେହେରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ଉତ୍ପଳ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ତଭଣ୍ଡାର ଟେକ୍‌ନିସିଆନ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

# ୨ଦିନିଆ ବରଗଡ଼ ଗସ୍ତରେ ଆସୁଛନ୍ତି ୫-ଟି ସଚିବ

ବରଗଡ଼,୨୫।୬(ପ୍ରେମାନନ୍ଦ ଖମାରୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନ ସୋମବାରଠାରୁ ୨ଦିନିଆ ବରଗଡ଼ ଜିଲା ଗସ୍ତରେ ଆସୁଛନ୍ତି। ତାଙ୍କର ଏହି ଗସ୍ତରେ ସେ ଜିଲାର ସବୁ ନିର୍ବାଚନ ମଣ୍ଡଳୀ ବୁଲିବା କାର୍ଯ୍ୟକ୍ରମ ରହିଛି। ସେ ସୋମବାର ଅତାବିରା ନିର୍ବାଚନ ମଣ୍ଡଳୀ ସରଣ୍ଡାର ବିଶ୍ୱେଶ୍ୱର ମନ୍ଦିର ପରିଦର୍ଶନ, ସରଣ୍ଡା ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ, ଅତାବିରା ଆନନ୍ଦ କଲ୍ୟାଣ ମଣ୍ଡପରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ଲୋକଙ୍କ ସହିତ ଆଲୋଚନା, ଦୁର୍ଗା ମନ୍ଦିର ପରିଦର୍ଶନ, ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବରଗଡ଼ ନିର୍ବାଚନ ମଣ୍ଡଳୀରେ ବରଗଡ଼ ନିଶାମଣି ହାଇସ୍କୁଲ ପଡ଼ିଆରେ ସ୍ଥାନୀୟ ଲୋକ ଏବଂ ଏସ୍ଏଚ୍‌ଜି ମହିଳାଙ୍କ ସହ ଆଲୋଚନା, ମହିଳା କଲେଜରେ ଛାତ୍ରୀଙ୍କ ସହ ଆଲୋଚନା, ସମ୍ବଲପୁରୀ ବସ୍ତ୍ରାଳୟ ପରିଦର୍ଶନ ସହିତ ବୁଣାକାରଙ୍କ ସହିତ ଆଲୋଚନା କରିବେ। ବରଗଡ଼ ବ୍ଲକ ଅଫିସ ପରିସରସ୍ଥ ମିଶନ ଶକ୍ତି କାଫେ, ହଳଦୀପାଲି ସ୍ଥିତ ରାମଚଣ୍ଡୀ ମନ୍ଦିର ପରିଦର୍ଶନ, ବିଜେପୁର ନିର୍ବାଚନ ମଣ୍ଡଳୀର ବରପାଲି ଷ୍ଟାଡ଼ିୟମ ପଡ଼ିଆରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା ପରେ ସଚିବ ଲୋକଙ୍କ ସହିତ ଆଲୋଚନା କରିବେ। ଏହାସହ ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ପରିଦର୍ଶନ, ଭଟଲି ନିର୍ବାଚନ ମଣ୍ଡଳୀ ଖେଦାପାଲିରେ କ୍ୟାନସର ହସ୍ପିଟାଲ ନିର୍ମାଣର ଅଗ୍ରଗତି ସମୀକ୍ଷା, ଡୁରୁଙ୍ଗାସ୍ଥିତ ବୈଷ୍ଣୋଦେବୀ ମନ୍ଦିର ପରିଦର୍ଶନ କାର୍ଯ୍ୟକ୍ରମ ସାରି ବରଗଡ଼ ସର୍କିଟ ହାଉସରେ ରାତ୍ରି ରହଣୀ କାର୍ଯ୍ୟକ୍ରମ ରହିଛି।

ମଙ୍ଗଳବାର ୫-ଟି ସଚିବ ବରଗଡ଼ ନିର୍ବାଚନ ମଣ୍ଡଳୀର ଗିରସୁଲ, ଜିରା ନଦୀରେ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପର କ୍ରସିଂ, ଡୁରୁଙ୍ଗାରେ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପର ପମ୍ପ ହାଉସ ପରିଦର୍ଶନ, ଭଟଲି ନିର୍ବାଚନ ମଣ୍ଡଳୀର ସୋହେଲା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ, ଲୋକଙ୍କ ସହିତ ଆଲୋଚନା, ଅମ୍ବାଭୋନା ବ୍ଲକ କୁରୁମକେଲରେ ନୂତନ କଲୋନୀ ପରିଦର୍ଶନ କରିବେ। ପାଇକମାଳ ନିର୍ବାଚନ ମଣ୍ଡଳୀର ପାଇକମାଳ ୫-ଟି ହାଇସ୍କୁଲ ପରିଦର୍ଶନ ସହିତ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ, କସ୍ତୁରବା ଗାନ୍ଧୀ ମାତୃ ନିକେତନ ପରିଦର୍ଶନ ସହିତ ଅନ୍ତେବାସୀଙ୍କ ସହିତ ଆଲୋଚନା, ନୃସିଂହନାଥ ପରିଦର୍ଶନ ସହିତ ସେଠାରେ ଚାଲିଥିବା କାର୍ଯ୍ୟର ସମୀକ୍ଷା, ପଦ୍ମପୁର ନିର୍ବାଚନ ମଣ୍ଡଳୀର ପଦ୍ମପୁର ରାଜବୋଡ଼ାସମ୍ବର ହାଇସ୍କୁଲ ପଡ଼ିଆରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଲୋକଙ୍କ ସହ ଆଲୋଚନା, ଅନ୍ୱେଷା ଛାତ୍ରାବାସରେ ଛାତ୍ରଙ୍କ ସହିତ ଆଲୋଚନା କାର୍ଯ୍ୟକ୍ରମ ରହିଛି।

## ମୌସୁମୀ ବର୍ଷା, ଧାନ ବିହନ ବୁଣିଲେ ଚାଷୀ



ଜଣେ ଚାଷୀ ଜମିରେ ଧାନ ବିହନ ବୁଣୁଛନ୍ତି।

ପଦ୍ମପୁର,୨୫।୬(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଶନିବାର ରାତିରୁ ବର୍ଷା ହୋଇଛି। ଫଳରେ ଜମି ପ୍ରସ୍ତୁତ କରି ବିହନ ବୁଣିବାକୁ ଅପେକ୍ଷା କରିଥିବା ଚାଷୀଙ୍କ ହସ ଫୁଟିଛି। ପଦ୍ମପୁର ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀମାନେ ପାଗ ଅନୁକୂଳ ଦେଖି ବିହନ ବୁଣିଛନ୍ତି। ପ୍ରଚଣ୍ଡ ଖରାରେ ଭାଜି ହେଉଥିବା ପଦ୍ମପୁରବାସୀ ଏବେ ବର୍ଷାର ଶୀତଳ ସ୍ପର୍ଶରେ ଆଶ୍ୱସ୍ତ ହୋଇଛନ୍ତି। ବିଶେଷ କରି ଗତ ୨୪ ଘଣ୍ଟାରେ ପାଗ ପରିବର୍ତ୍ତନ ଯୋଗୁ ଚାଷୀ ଉତ୍ସାହିତ ହୋଇ ଚାଷକାର୍ଯ୍ୟକୁ ଆଗେଇ ନେଇଛି। ଜୁନ୍ ମାସରେ ଆବଶ୍ୟକତାଠାରୁ କମ୍ ବର୍ଷା ହୋଇଥିବାରୁ ଚାଷୀ ଚିନ୍ତାରେ ପଡିଥିଲା। ମାତ୍ର ଏବେକାର ବର୍ଷା ଆଗକୁ ଲାଗିରହିଲେ ଚାଷକାର୍ଯ୍ୟ ଆଗେଇବ ବୋଲି ଚାଷୀମାନେ କହିଛନ୍ତି। ତେବେ ସେମାନେ ଯେପରି ଠିକ୍ ସମୟରେ ସାର, ବିହନ ଉଚିତ ମୂଲ୍ୟରେ ପାଇପାରିବେ ସେ ନେଇ କୃଷି ବିଭାଗ ଉଦ୍ୟମ କରିବା ପାଇଁ ଚାଷୀମାନେ ମତ ଦେଇଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ରକ୍ତାକ୍ତ ମୃତଦେହ ଜବତ, ହତ୍ୟା ସନ୍ଦେହ

ଭେଡ଼େନ,୨୫।୬(ସୁଦନ ମହାକୁର): ବରଗଡ଼ ଜିଲା ଭେଡ଼େନ ଥାନା ତାଳମେଣ୍ଡା ପଞ୍ଚାୟତ ଅନ୍ତର୍ଗତ ସାନପିପିଲିପାଲି ଗ୍ରାମର ଏକ ବନ୍ଦ କୋଠରୀରୁ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ମଣ୍ଟୁ ପଧାନ(୪୦)। ପୋଲିସ ରବିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରି ସାଇଣ୍ଟିଫିକ ଟିମ୍ ଏବଂ ଅନୁସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାର ଛାନଭିନ୍ ଚଳାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଘଟଣାସ୍ଥଳରୁ ପୋଲିସ ଏକ ରକ୍ତଲଗା କାଠ ଫାଳିଆ ଜବତ କରିବା ସହ ଭେଡ଼େନ ଥାନାରେ ଏକ ମାମଲା ରୁଜୁ କରିଛି। ପୋଲିସ ମୃତକଙ୍କ ସାନ ଭାଇଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ମଣ୍ଟୁଙ୍କ ପରିବାରରେ ତାଙ୍କ ସ୍ତ୍ରୀ ପିଙ୍କି, ୪ ବର୍ଷର ଶିଶୁ ଓ ଭାଇ ରବି ଏକାଠି ରହୁଥିଲେ। ପରିବାରରେ ସବୁବେଳେ କୌଣସି କାରଣରୁ କଳହ ଲାଗି ରହୁଥିଲା। ଫଳରେ ମଣ୍ଟୁଙ୍କ ସ୍ତ୍ରୀ ନିଜ ଶିଶୁକୁ ନେଇ ଅନେକ ଦିନ ହେଲା ତାଙ୍କ ବାପଘରେ ରହି ଆସୁଛନ୍ତି। ତେବେ ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

### ନିଲମ୍ବିତ ହେଲେ କନିଷ୍ଠ ଯନ୍ତ୍ରୀ

**ବିଦ୍ୟାଳୟରେ ନିମ୍ନମାନର ସାମଗ୍ରୀ ବ୍ୟବହୃତ ନେଇ ଅଭିଯୋଗ**

ବୌଦ୍ଧ,୨୫।୬(ଅଜିତ କୁମାର ବାରିକ) : ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘୁଲଘୁଲାପଦର ପ୍ରାଥମିକ ବିଦ୍ୟାଳୟ ଗୃହ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହୃତ ନେଇ କନିଷ୍ଠ ଯନ୍ତ୍ରୀ ଲଳିତା ମାଝୀଙ୍କୁ ଜିଲାପାଳ ସତ୍ୟରଞ୍ଜନ ସାହୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି। ଏହି ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟ ଚାଲୁଥିବା ବେଳେ ନିମ୍ନମାନର ସାମଗ୍ରୀ ବ୍ୟବହୃତ ହେବା ନେଇ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଜିଲାପାଳଙ୍କ ପତ୍ର ସଂଖ୍ୟା ୧୫୭୩ ତା ୨୩।୬।୨୩ ଅନୁଯାୟୀ କନିଷ୍ଠ ଯନ୍ତ୍ରୀ ମାଝୀଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ସମୟରେ କନିଷ୍ଠ ଯନ୍ତ୍ରୀ ଜିଲା ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ।

### ଆଦର୍ଶ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

ପାଇକମାଳ,୨୫।୬(ବଡ଼ ଶତପଥୀ): ବରଗଡ ଜିଲା ପାଇକମାଳ ବ୍ଲକ ଫ୍ରେଜରପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରଥମ ଅଭିଭାବକ ଶିକ୍ଷକଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଛି। ଅଧକ୍ଷା ଦୀପ୍ତିମୟୀ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ସାଇ ଶଙ୍କର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଅମିତ କୁମାର ସାହୁ ବ୍ରିଜ କୋର୍ସ ସଂଯୋଗ ପୁସ୍ତକର ଉପାଦେୟତା ବିଷୟରେ ଅଭିଭାବକଙ୍କୁ ଧାରଣା ଦେଇଥିଲେ। ନବାଗତ ଷଷ୍ଠ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପିତାମାତାମାନେ ଯୋଗ ଦେଇ ଥିବାବେଳେ ରାଜକିଶୋର ସାହୁ, ସହଦେବ ମାଝୀ ଓ ବିଷ୍ଣୁ ଚରଣ ସାହୁ ସୁଚିନ୍ତିତ ମତାମତ ଦେଇଥିଲେ। ଏହାପରେ ସେମାନେ ସ୍ମାର୍ଟ ବୋର୍ଡ ଯୋଗେ ଓଡ଼ିଶା ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଆଦର୍ଶ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନାର ସିଧା ପ୍ରସାରଣ ଦେଖିଥିଲେ। ଏହି ଅବସରରେ ଅଧକ୍ଷା ମହାରଣା ୧୦୦ ଶଯ୍ୟା ବିଶିଷ୍ଟ ବାଳକ ଛାତ୍ରାବାସର ଶିଳାନ୍ୟାସ କରିଥିଲେ। ଶେଷରେ ଶିକ୍ଷକ ତରୁଣ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ୧୨ କୃତୀ ଛାତ୍ରୀଛାତ୍ର ସମ୍ମାନିତ

ପଦ୍ମପୁର,୨୫।୬(ପ୍ରଦୀପ୍ତ ଦାଶ): ପଦ୍ମପୁର ଜେନିଥ୍ ଗୁରୁକୁଳଠାରେ ମନୋଜ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଥମ ପଦ୍ମପୁର ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ତଥା ସ୍ତମ୍ଭକାର ଡ. ବାଞ୍ଛାନିଧି ପଣ୍ଡା ମୁଖ୍ୟଅତିଥି, ଆର୍.ବି ହାଇସ୍କୁଲର ପ୍ରଧାନ ଶିକ୍ଷକ ମୋହନ ବନଛୋର ଓ ଡିଗ୍ରୀଲାଲ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ କିଶୋର ପାତ୍ର ଅତିଥି ପରିଚୟ ପ୍ରଦାନ ଓ କୁଞ୍ଜବିହାରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଭା ସମ୍ମାନ ସମିତିର ସଂଯୋଜକ ଅଧାପକ ଦିବ୍ୟ କିଶୋର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୧୨ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅକ୍ଷୟ ନାୟକ, ସୁରେଶ ରାମଚନ୍ଦାନୀ, ମାନସ ମହାନ୍ତି, ଅରବିନ୍ଦ ପାଣିଗ୍ରାହୀ, ନରେନ୍ଦ୍ର ପ୍ରଧାନ, ଡୋଲାମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବାଞ୍ଚଳ ୧୦ ଜିଲାର ପ୍ରତିଭା ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

**କୋଶଳ ଟାଇମ୍ସ ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ**



ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

ଓଡ଼ିଶାର ସୁନାଧମନ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦରିଦ୍ର-ପ୍ରାଣ ନବକୃଷ୍ଣ ଚୌଧୁରୀଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ମହାସମାରୋହରେ ଶନିବାର ବୁଦ୍ଧ ମନ୍ଦିରଠାରେ ବରଗଡ ଜିଲାରୁ ପ୍ରକାଶିତ ପାକ୍ଷିକ ପତ୍ରିକା କୋଶଳଟାଇମ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ନବକୃଷ୍ଣଙ୍କ ଜୀବନୀକାର ପଦ୍ମଚରଣ ନାୟକ, କେନ୍ଦ୍ରାପଡ଼ାର ବିଧାୟକ ଶଶିଭୂଷଣ ବେହେରା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ମେୟର୍ ସୁଲୋଚନା ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ପତ୍ରିକା 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ ଏବଂ ନବକୃଷ୍ଣଙ୍କ ଉପରେ ଗବେଷଣାତ୍ମକ ନିବନ୍ଧ ଲେଖିଥିବା ଅଧାପକ ଡ. ଶୁଭ୍ରାଂଶୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ନବକୃଷ୍ଣଙ୍କ ସାଧାରଣ ଜୀବନଯାପନ, ନିର୍ଲୋଭପଣିଆ, ସଚ୍ଚୋଟତା, ନିର୍ଭୀକତା, ଦରଦୀ ମନୋଭାବ, ତ୍ୟାଗ, ସଂଘର୍ଷ ଆଦି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପୂର୍ବାଞ୍ଚଳର ୧୦ଟି ଜିଲା କଟକ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ପୁରୀ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ଗଞ୍ଜାମର ୧୩ ଜଣ ଗରିବ ମେଧାବୀ ଛାତ୍ରୀଛାତ୍ରୀ ଏବଂ ଭିନ୍ନକ୍ଷମ ପ୍ରତିଭାଙ୍କ ସମେତ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଦ୍ୱିଜବର ସାଥୁଆ, ମାୟାଧର ମଲ୍ଲିକ, ଇନ୍ଦ୍ରମଣି ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ ପତ୍ରିକାର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର। ପାୟଲ ନାଏକଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅର୍ପିତା ବେହେରା ଓ ଧନ୍ୟବାଦ ଅର୍ପଣ କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ। ପେଟାଲ୍ସ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

## କାରଖାନା ଶ୍ରମିକଙ୍କ ମୃତ୍ୟୁ

ତରଭା,୨୫।୬(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନସ୍ଥ ପାନିମୁରାସ୍ଥିତ ଇରାନଲ କାରଖାନାରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୃତ ଯୁବକ ଜଣକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ପୁରୁଲିଆ ଜିଲା କେରାବେଡା ଗ୍ରାମର ପ୍ରଣବ ମୋଦି (୨୪)। ସେ ଏଠାରେ ତାଙ୍କ ଅଞ୍ଚଳର ପରିଚିତ ଲୋକଙ୍କ ସହ ରହି କାମ କରୁଥିଲେ। ଶନିବାର ସନ୍ଧ୍ୟାରେ କାମରୁ ଘରକୁ ଫେରି ଖିଆପିଆ ସାରି ମୋବାଇଲ ଦେଖୁଥିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରି ଅଚେତ ହୋଇ ଯାଇଥିଲେ। ତାଙ୍କୁ ତାଙ୍କ ସହ ରହୁଥିବା ବନ୍ଧୁମାନେ ତରଭା ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ପ୍ରଣବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ନଂ ୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏସଆଇ ଅନିଲ ବେହେରା ତଦନ୍ତ ଦାୟିତ୍ୱ ନେଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ

ପାଇକମାଳ,୨୫।୬ (ବଡ ଶତପଥୀ)

ବରଗଡ଼ ଜିଲା ନୃସିଂହନାଥ ପୀଠରେ ଥିବା ଅଖିଳ ଭାରତୀୟ ଗୋଁଣ୍ଡ ସମାଜ ମଣ୍ଡପରେ ବୀରାଙ୍ଗନା ରାଣୀ ଦୁର୍ଗାବତୀଙ୍କ ୪୬୦ତମ ବଳିଦାନ ଦିବସ ରବିବାର ପାଳିତ ହୋଇଯାଇଛି। ଗୋଁଣ୍ଡ ସମାଜ ମଣ୍ଡପ ସଭାପତି ତଥା ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଜୟ ସିଂ ଦାଉ ସଭା ପରିଚାଳନା କରିଥିଲେ। ପ୍ରଥମେ ରାଣୀ ଦୁର୍ଗାବତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ବଳିଦାନ ଦିବସରେ ଜିଲା ଉପ ସଭାପତି ଚୈତୁ ସିଂ ଦେଓ, ପୁରେନା ସର୍କଲ, ସଭାପତି ସୁକଦେବ ମାଝୀ, ସୁବ୍ରତ ଦିୱାନ, ଗୌରେସନ ଦାଉ, ଦୟାନନ୍ଦ ମାଝୀ, ତିଳତମା ମାଝୀ, ନୂଆଗାଁ ସର୍କଲ ସଭାପତି ଶୋଭାରାମ ଧରୁଆ, ବସନ୍ତ ଧରୁଆ, ଜଗଦେବ ଧରୁଆ, ସହଦେବ ଧରୁଆ, କୋକନରା ସର୍କଲ ସଭାପତି ଅମୃତ ଲାଲ ବାଗ, ଦୁର୍ଲା ସର୍କଲ ଭୋଲାନାଥ ଜଗତ, ଦଶରଥ ଜଗତ, ଭଇଁଷାଦର୍ହା ସର୍କଲରୁ ଚିତ୍ତରଞ୍ଜନ ପୋତ୍ରେ, କରମ ଧରୁଆ ଉପସ୍ଥିତ ଥିଲେ। ରାଣୀ ଦୁର୍ଗାବତୀଙ୍କ ସଂଗ୍ରାମୀ ଜୀବନୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଠ୍ୟ ପୁସ୍ତକରେ ସାମିଲ ପାଇଁ ସରକାରଙ୍କ ନିକଟରେ ଦାବି ଜଣାଇବାକୁ ଆଲୋଚନା ହୋଇଥିଲା। ଏହି ଦିବସକୁ ସ୍ମରଣ କରିବା ନିମନ୍ତେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ସଭାରେ ମତପ୍ରକାଶ ପାଇଥିଲା। ସଫେଦ ସିଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ଜରୁରିକାଳୀନ ପରିସ୍ଥିତି ଭାରତୀୟ ଗଣତନ୍ତ୍ର ପାଇଁ କଳା ଦିବସ



ଭାଜପା ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ବଲାଙ୍ଗୀର ଏମ୍‌ପି ଓ ଅନ୍ୟ ନେତୃବୃନ୍ଦ।

ସୋନପୁର,୨୫।୬(ମୃତ୍ୟୁଞ୍ଜୟ ଶତପଥୀ)

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ। ୧୯୭୫ ଜୁନ୍ ୨୫ ତାରିଖରୁ ୧୯୭୭ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୧ ମାସ ଧରି ଏହା ଲାଗୁ ହୋଇଥିଲା। ଏହା ଭାରତୀୟ ଗଣତନ୍ତ୍ର ପାଇଁ କଳା ଦିବସ ବୋଲି ବଲାଙ୍ଗୀର ଏମ୍‌ପି ତଥା ବରିଷ୍ଠ ଭାଜପା ନେତ୍ରୀ ସଙ୍ଗୀତା କୁମାରୀ ସିଂଦେଓ ମତବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣପୁର ଭାଜପା ଜିଲା ଶାଖା ପକ୍ଷରୁ ଜରୁରୀକାଳୀନ ପରିସ୍ଥିତି ଭାରତୀୟ ଗଣତନ୍ତ୍ର ପାଇଁ କଳା ଦିବସ ଶୀର୍ଷକ ଆଲୋଚନାଚକ୍ର ସୋନପୁର ପୁରୁଣା ଟାଉନ ହଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ସିଂହଦେଓ ଯୋଗଦେଇ ଏମରଜେନ୍ସି ସମୟରେ କିଭଳି ଲୋକଙ୍କ ସାମ୍ବିଧାନିକ ଅଧିକାର ଛଡାଇ ନିଆ ଯାଇଥିଲା ଓ ପ୍ରତିବାଦର ସ୍ୱରକୁ ଚାପି ଦିଆ ଯାଉଥିଲା ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ଇଂ ରଘୁନାଥ ଜଗଦଲା, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ ଓ ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର ମଞ୍ଚାସୀନ ଥିଲେ। ବେଣୁଧର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସହରର ବିଶିଷ୍ଟ ବ୍ୟକ୍ତି ଓ ଭାଜପା ନେତୃବୃନ୍ଦ ଯୋଗଦାନ କରିଥିଲେ। ପରେ ଏମ୍‌ପି ସିଂଦେଓ ଜିଲାର ପ୍ରମୁଖ ବ୍ୟକ୍ତି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଓ ଜିଲା ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ଡିସେମ୍ବର ମାସ ସୁଦ୍ଧା ସୋନପୁର ନୂତନ ରେଳ ଷ୍ଟେଶନକୁ ଟ୍ରେନ୍ ଗଡିବ ବୋଲି ଏମ୍‌ପି ସୂଚନା ଦେଇଥିଲେ।

## ଅବକାରୀ ଚଢ଼ାଉ, ୨୦ ଲିଟର ମଦ ଜବତ

ଡୁଙ୍ଗୁରିପାଲି,୨୫।୬(ଦୀନବନ୍ଧୁ ସୁନା)

ଡୁଙ୍ଗୁରିପାଲି ବ୍ଲକରେ ଜିଲା ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ଚେରୁପାଲି ମୁଖ୍ୟରାସ୍ତାରେ ପହରା କାର୍ଯ୍ୟ କରୁଥିବା ସମୟରେ ସୁଖା ଗ୍ରାମ ପଞ୍ଚାୟତ ଚମାରତ୍ରିକା ଗ୍ରାମର ଗଗନ ବିହାରୀ ମେହେରଙ୍କ ଠାରୁ ୨୦ଲିଟର ଦେଶୀ ରନ୍ଧା ମଦ ଓ ଏକ ଲାଲ ରଙ୍ଗର ମୋଟର ସାଇକେଲ(ନଂ ଓଡ଼ି ୩୧ ଇ ୫୬୯୪ )ଅବକାରୀ ପୋଲିସ ଜବତ କରିଛି। ଚେରୁପାଲିରୁ ସୁଖା ରାସ୍ତାରେ ଯାଉଥିବା ସମୟରେ ଚୋରା ବେପାରୀ ଗଗନବିହାରୀ ବିନିକା ଅବକାରୀ ବିଭାଗ ପୋଲିସ ହାତରେ ଧରାପଡିଥିଲେ। ଏ ନେଇ ବିନିକା ଅବକାରୀ ଥାନା କେସ୍ ନମ୍ବର ୫୭/୨୩ରେ ଏକ ମାମଲା ରୁଜୁ ହୋଇଛି। ଚୋରା ବେପାରୀ ଗଗନବିହାରୀଙ୍କୁ ଡୁଙ୍ଗୁରିପାଲି ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ବିନିକା ଅବକାରୀ ସହକାରୀ ନିରୀକ୍ଷକ ଭଗବାନ ରଣା ପ୍ରକାଶ କରିଛନ୍ତି ।

## ପଦ୍ମପୁର ଗସ୍ତରେ ବିଜେଡି ସାଙ୍ଗଠନିକ ସମ୍ପାଦକ



ବିଜେଡି ସାଙ୍ଗଠନିକ ସମ୍ପାଦକ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ପଦ୍ମପୁର,୨୫।୬(ପ୍ରଦୀପ୍ତ ଦାଶ)

ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ରବିବାର ବରଗଡ଼ ଜିଲା ଗସ୍ତ କରିଛନ୍ତି। ସେ ପଦ୍ମପୁରରେ ପହଞ୍ଚିବା ପରେ ଦଳୀୟ ଅଫିସରେ ତାଙ୍କୁ ବିଧାୟିକା ବର୍ଷା ସିଂ ବରିହାଙ୍କ ସମେତ ଦଳୀୟ ନେତୃମଣ୍ଡଳୀ ସ୍ୱାଗତ ଜଣାଇଥିଲେ। ପରେ ସାଙ୍ଗଠନିକ ସମ୍ପାଦକ ଦରସ ଓ ଭଟଲି ବିଧାୟକ ସୁଶାନ୍ତ ସିଂ ବିଧାୟିକାଙ୍କ ସହ ନୃସିଂହନାଥ ମନ୍ଦିରକୁ ଯାଇଥିଲେ। ନୃସିଂହନାଥ ମନ୍ଦିରରେ ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ରାଉତ, ଯୁବ ଜନତା ଦଳ ସଭାପତି ଗୌତମ ସିଂ, ପ୍ୟାକ୍ସ ଅଧ୍ୟକ୍ଷ ବିଜୟ କୁମାର ସ୍ୱାଇଁଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସେମାନଙ୍କୁ ସ୍ୱାଗତ କରିଥିଲେ। ନୃସିଂହନାଥ ମହାପ୍ରଭୁଙ୍କ ମନ୍ଦିର ପରିସରରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ପରେ ଦଳୀୟ କର୍ମୀଙ୍କ ସହ କିଛି ସମୟ ଆଲୋଚନା କରି ସମସ୍ତେ ପଦ୍ମପୁର ଫେରି ଯାଇଥିଲେ। ସନ୍ଧ୍ୟାରେ ସାଙ୍ଗଠନିକ ସମ୍ପାଦକ ଦାସ ଓ ସୁଶାନ୍ତ ସିଂ ଭଟଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନ ବୁଲି ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଭୋଜରାଜ ସିଂ ବରିହା, ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ଜିଲା ଯୁବ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ସାଧନା ମହାସଂଘ କାଫେ ଉଦ୍‌ଘାଟିତ

ପାଇକମାଳ,୨୫।୬(ବଡ଼ ଶତପଥୀ )

ବରଗଡ଼ ଜିଲା ପାଇକମାଳ ବ୍ଲକ ଅଫିସ ସମ୍ମୁଖରେ ସାଧନା ମହାସଂଘ କାଫେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଳ ପଞ୍ଚାୟତ ସମିତ ଅଧ୍ୟକ୍ଷା ଭାବନା ସିଂ, ବିଡିଓ ସୁରେନ୍ଦ୍ର ନାଥ ସାହୁ, ବ୍ଲକ୍ ଉପାଧ୍ୟକ୍ଷ ସଞ୍ଜୀବ ବରିହା ଉପସ୍ଥିତ ଥିଲେ। ଏହି କାଫେରେ ବର୍ତ୍ତମାନ କେବଳ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ରହିଛି। ବ୍ଲକ ସ୍ତରୀୟ ମହାସଂଘ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି କାଫେ ଦ୍ୱାରା ଜନସାଧାରଣ ସୁସ୍ୱାଦୁ ଓ ପୃଷ୍ଟିକର ଖାଦ୍ୟ ପାଇପାରିବେ ବୋଲି ସଭାପତି ଜାହ୍ନବୀ ପଟ୍ଟନାୟକ, ସମ୍ପାଦକ ହେମଲତା ସାହୁ, କୋଷାଧ୍ୟକ୍ଷ ଲାବଣ୍ୟବତୀ ସାହୁ କହିଥିଲେ। ମହାସଂଘର ବଉଳ ସାହ, ନୂଆଦେଇ ରଣା, କମଳିନୀ ଧାରୁଆ, ସାବିତ୍ରୀ ବିଷି, ମିନା ବାରିକ, ଯାଜ୍ଞସେନୀ କଲେତ, ଲୀଳାବତୀ ମହନନ୍ଦଙ୍କ ସମେତ ମିଶନ ଶକ୍ତିର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଧାୟିକା କାଫେକୁ ଉଦ୍‌ଘାଟନ କରୁଛନ୍ତି।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ସମ୍ବଲପୁର ରାଜସ୍ୱ କମିଶନରଙ୍କ ବୌଦ୍ଧ ଗସ୍ତ**

ବୌଦ୍ଧ,୨୫।୬(ଅଜିତ କୁମାର ବାରିକ)



ରାଜସ୍ୱ କମିଶନର ବୌଦ୍ଧ ଗସ୍ତ ସମୟରେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ସମ୍ବଲପୁର ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ ରବିବାର ଦିନିକିଆ ବୌଦ୍ଧ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ରାଜସ୍ୱ କମିଶନର ଦଳେଇ ମହାନଦୀ ବ୍ରିଜ ଛକଠାରେ ପହଞ୍ଚିବା ପରେ ସେଠାରେ ଜିଲାପାଳ ସତ୍ୟରଞ୍ଜନ ସାହୁ ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ରାଜସ୍ୱ କମିଶନର ଦଳେଇ ବ୍ରିଜଛକଠାରେ ମହାନଦୀ କୂଳରେ ବୌଦ୍ଧଗଡ ଏନଏସି ପକ୍ଷରୁ ଚାଲିଥିବା ପଶ୍ଚିମା ଭବନ କାର୍ଯ୍ୟ ବୁଲି ଦେଖିବା ସହିତ ପ୍ରକଳ୍ପର ଅଗ୍ରଗତି ଓ ପ୍ରକଳ୍ପ ସଂପୂର୍ଣ୍ଣ ନେଇ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଡିସେମ୍ବର ମାସ ମଧ୍ୟରେ ପଶ୍ଚିମା ଭବନ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ସେ ଏନଏସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପରେ ମହାନଦୀର ଚନ୍ଦ୍ରଚୂଡ ମନ୍ଦିର ନିକଟରେ ନିର୍ମାଣାଧୀନ ବହୁ ପ୍ରତୀକ୍ଷିତ ମହାନଦୀ ଆଳତୀ ଘାଟ ପ୍ରକଳ୍ପ ବଲି ଦେଖିବା ସହିତ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେଠାରୁ କୋଭିଡ ଚିକିତ୍ସାଳୟଠାରେ ପହଞ୍ଚି ଡାକ୍ତରମାନଙ୍କ ସହିତ ଆଲୋଚନା କରିବା ସହିତ ନିର୍ମାଣାଧୀନ କିଡ୍‌ନୀ ରୋଗ ଚିକିତ୍ସା କେନ୍ଦ୍ର ଓ ମାନସିକ ରୋଗୀଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ଜିଲା ପାଠାଗାରଠାରେ ମୁକ୍ତା ଯୋଜନାରେ ନିର୍ମାଣ ହେବାକୁ ଥିବା ଚଲାପଥ, ମୁକ୍ତ ବ୍ୟାୟାମଶାଳା ଓ ମୁକ୍ତ ପାଠାଗାର ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରିବା ସହିତ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ପ୍ରକଳ୍ପ ବୁଲି ଦେଖିବା ସହିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଶୀରାମ ବଳରାମ ଅବତାର ବେଶ ଦର୍ଶନ କରିଥିଲେ। ପରେ ଜିଲାର ସର୍ବପୁରାତନ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ପ୍ରଥମ ପର୍ଯ୍ୟାୟ ୫ଟିରେ ରୂପାନ୍ତରିତ ହେବା ସତ୍ତ୍ୱେ ଛାତ୍ରମାନଙ୍କ ପରୀକ୍ଷା ଫଳ ଆଶାଜନକ ହେଉ ନ ଥିବାରୁ ଅସନ୍ତୋଷ ବ୍ଯକ୍ତ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହିତ ଆଲୋଚନା କରି ବିଦ୍ୟାଳୟରେ ଛାତ୍ରମାନଙ୍କୁ ନିଜର ସନ୍ତାନ ଭଳି ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। ରାଜସ୍ୱ କମିଶନରଙ୍କ ଏହି ଗସ୍ତ ସମୟରେ ଜିଲାପାଳ ସାହୁଙ୍କ ସମେତ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବୀନ୍ଦ୍ର ନାଥ କହଁର,ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା ଏବଂ ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗାଈ ମୃତ

ସମ୍ବଲପୁର,୨୫।୬(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସୁନାପାଲି ନିକଟରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ଗାଈର ମୃତ୍ୟୁ ହୋଇଛି । ସୂଚନା ଅନୁସାରେ ସୁନାପାଲିରେ ଥିବା ଏହି ବିଦ୍ୟୁତ୍ ଖୁଣ୍ଟରେ ହଠାତ କରେଣ୍ଟ ପ୍ରବାହ ହୋଇଥିଲା। ଗାଈ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ଯିବାରୁ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ଟାଟା ପାୱାର ଟିମ ପହଞ୍ଚି ବିଦ୍ୟୁତ ବିଚ୍ଛିନ୍ନ କରିଥିଲେ। ପରବର୍ତ୍ତି ସମୟରେ ଅଞ୍ଚଳ ବ୍ୟକ୍ତିମାନେ ମୃତ ଗାଈର ସଂସ୍କାର କାର୍ଯ୍ୟ ଥିଲେ।

### ଲଗାଣ ବର୍ଷାରେ ଭାଙ୍ଗିଲା ଘର



କୁଚିଣ୍ଡା,୨୫।୬(ବିରଞ୍ଚି ଦର୍ଶା): କୁଚିଣ୍ଡା ଅଞ୍ଚଳରେ ଗତ ଦୁଇ ଦିନ ହେବ ପ୍ରବଳ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁ କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତରେ ଦୁଇଟି ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଫଳରେ ପରିବାର ଏବେ ବେସାହାରା ପାଲଟି ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବକ୍ସମା ପଞ୍ଚାୟତର ଲାଡ ଗ୍ରାମର ଦ୍ୱିତିଆ ସୋହେଲାଙ୍କ ଘରଟି ଭାଙ୍ଗିଯାଇଥିବା ବେଳେ ଟାଇଁସର ଗ୍ରାମର ଚନ୍ଦନ ନାଏକଙ୍କ ଚାଳ ଛପର ଘର ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଚନ୍ଦନଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇ ମାଟିରେ ମିଶି ଯାଇଥିବାରୁ ୪ ଛୁଆଙ୍କୁ ନେଇ ସେ ଏବେ କେଉଁଠି ମୁଣ୍ଡ ଗୁଞ୍ଜିବେ ତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ପ୍ରଶାସନ ତଦନ୍ତ କରି ଚନ୍ଦନଙ୍କ ମୁଣ୍ଡ ଗୁଞ୍ଜିବା ବ୍ୟବସ୍ଥା କରିବାକୁ ଦାବି ହେଉଛି।

### ବିଦ୍ୟୁତ୍ ଶଟ୍‌ସର୍କିଟରେ ଗାଈ, ସାପର ମୃତ୍ୟୁ

କୁଚିଣ୍ଡା,୨୫।୬(ବିରଞ୍ଚି ଦର୍ଶା): କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ପଞ୍ଚାୟତର ବିଜା ଗ୍ରାମର ଟ୍ରାନ୍ସଫର୍ମରରେ ଶନିବାର ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଗୋଟିଏ ଗାଈ ସହ ଏକ ସାପର ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ଗ୍ରାମବାସୀ କୁଚିଣ୍ଡା ବିଦ୍ୟୁତ୍ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ବିଚ୍ଛିନ୍ନ କରି ସଜାଡିଥିଲେ। ପ୍ରବଳ ବର୍ଷା ହେବା ଯୋଗୁ ଟ୍ରାସଫର୍ମର ଚାରି ପଟେ ଓଦାହେବା ଫଳରେ ସର୍ଟସର୍କିଟ ହୋଇଥିବା ବିଦ୍ୟୁତ୍ କର୍ମଚାରୀମାନେ କହିଛନ୍ତି।

### ରାଉରକେଲା ଆକାଶବାଣୀ କେନ୍ଦ୍ରର ୨୯ ତମ ପ୍ରତିଷ୍ଠା ଦିବସ



ରାଉରକେଲା,୨୫।୬(ସଙ୍ଗୀତା ଜେନା): ଆକାଶବାଣୀ ରାଉରକେଲା କେନ୍ଦ୍ରର ୨୯ତମ ପ୍ରତିଷ୍ଠା ଦିବସ ଶନିବାର ସନ୍ଧ୍ୟାରେ ପାଳିତ ହୋଇଛି। ୧୦୨.୬ ଏଫଏମ ଆକାଶବାଣୀର ଉକ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟର ମୁଖ୍ୟ ଓ ଯାନ୍ତ୍ରିକ ବିଭାଗର ଡିଡିଜି ଇଂ. ପ୍ରକାଶ ପତିଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରାଯାଇଥିଲା। କେନ୍ଦ୍ରର ମୁଖ୍ୟ ଆହ୍ଲାଦିନୀ ହୋତା, ଯାନ୍ତ୍ରିକ ବିଭାଗ ମୁଖ୍ୟ ତଥା ସହାୟକ ଇଞ୍ଜିନିୟର ଏମଡ଼ି ସମିମ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରସାରଣ ନିଷ୍ପାଦକ ବସନ୍ତ ସ୍ୱାଇଁ, ବରିଷ୍ଠ ଉଦ୍‌ଘୋଷକ ରଘୁନନ୍ଦନ ଲାକ୍ରା, ସିକନ୍ଦର ସଏ, ଗିରିଶ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଶୋକ ରାଉତ ଓ ଉଦଘୋଷିକା ଜ୍ୟୋତ୍ସ୍ନାରାଣୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ, ଗୁରୁ ଅଜୟ ପାଣି ଓ ନିମନ୍ତ୍ରିତ ଶ୍ରୋତା ରବିନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରର କର୍ମଚାରୀ ମାନେ ସହଯୋଗ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ, ୨୪ଜୁନ ୧୯୯୫ରେ ତତ୍କାଳୀନ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ ରାଉରକେଲା ସ୍ଥିତ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।

# ବର୍ଷାରେ ସମ୍ବଲପୁରର ରାସ୍ତା, ତଳି ଅଞ୍ଚଳ ଜଳମଗ୍ନ



ସମ୍ବଲପୁରରେ ସମାନ୍ୟ ବର୍ଷାରେ ଜଳମଗ୍ନ ।

ସମ୍ବଲପୁର, ୨୫।୬ (ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲାକୁ ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଭାବେ ସୂଚିତ କରାଯାଇଛି। ରବିବାର ଓ ସୋମବାର ଦୁଇଦିନ ଧରି ପ୍ରବଳ ବର୍ଷା ହେବ ବୋଲି ସଚେତନ କରାଯାଇଛି। ୨୫ ତାରିଖ ସକାଳ ସାଢେ ୮ଟାରୁ ୨୬ ତାରିଖ ସକାଳ ସାଢେ ୮ ମଧ୍ୟରେ ପଶ୍ଚିମ ଓଡିଶାର ସମ୍ବଲପୁର ସମେତ ବରଗଡ, ବଲାଙ୍ଗୀର, ସୋନପୁର, ଝାରସୁଗୁଡା, ବୌଦ୍ଧ ଜିଲା ୭ ରୁ ୨୦ ସେମି ବର୍ଷା ହେବ ବୋଲି ସୂଚନା ଦିଆଯାଇଥିଲା । ସୂଚନା ଅନୁସାରେ ଶନିବାର ସନ୍ଧ୍ୟାରୁ ସମ୍ବଲପୁର ଜିଲାରେ ଲଗାଣ ବର୍ଷା ହେଉଛି । ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପୂର୍ବରୁ ଥରକୁ ଥର ପ୍ରସ୍ତୁତି ବୈଠକ ହୋଇଥିଲା । ହେଲେ ପ୍ରଥମ ମୌସୁମୀ ବର୍ଷାରେ ସହର ତଳିଅଞ୍ଚଳ ଜଳ ମଗ୍ନ ହୋଇଥିବାବେଳେ ଡ୍ରେନଗୁଡିକ ସଫେଇ ନ ହେବାରୁ ଘରକୁ ପାଣି ପଶି ଯାଇଛି। ଦୁଇଦିନ ବର୍ଷାରେ ସମ୍ବଲପୁରବାସୀଙ୍କ ହାଲ ବେହାଲ ହୋଇଯାଇଛି। ପ୍ରଶାସନର ଅବହେଳା ଓ ପୂର୍ବ ପ୍ରସ୍ତୁତି ନ ହେବାରୁ ଏଭଳି ହୋଇଥିବା ନେଇ ଅଭିଯୋଗ ହେଉଛି। ମହାନଗର ନିଗମ ପ୍ରାୟ ଅଞ୍ଚଳରେ ଡ୍ରେନ ସଫେଇ ନ ହେବାରୁ ଜାମ ହୋଇ ରହିଛି। ବର୍ଷାଜଳ ନିଷ୍କାସନ ନ ହୋଇପାରି କୃତିମ ବନ୍ୟା ସୃଷ୍ଟି ହୋଇଥିଲା। ଏପରିକି ଜାତୀୟ ରାଜପଥଗୁଡିକରେ ମଧ୍ୟ ପାଣି ପ୍ରବାହିତ ହେଉଥିଲା। ଟାଙ୍ଗରପାଲି, ଚାରଭାଟି, ମୋଦିପଡା ଦେଉଳବନ୍ଧ ଫାଟକ ସମେତ ବିଭିନ୍ନ ତଳି ଅଞ୍ଚଳ ଓ ରାସ୍ତା ଗୁଡିକରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଠିକ ଭାବରେ ହୋଇ ନ ପାରିବାରୁ ଲୋକଙ୍କ ଘର ଓ ଦୋକାନରେ ବର୍ଷା ଜଳ ପ୍ରବେଶ କରିଛି ବୋଲି ଅଭିଯୋଗ ହୋଇଛି। ଜାତୀୟ ରାଜପଥରେ ୫୩ ସାର୍ଭିସ ରୋଡର ପାଞ୍ଚଗୋଛିଆ ଠାରେ ୪ ଫୁଟର ବର୍ଷା ପାଣି ଜମି ରହିଛି। ମାନେଶ୍ୱର ଛକରେ ମଧ୍ୟ ଜାତୀୟ ରାଜପଥ ୫୫ ନିର୍ମାଣ ସଂସ୍ଥା ଡ୍ରେନ କାମ ଅଧାରେ ପକାଇ ଦେଇଥିବାରୁ ରବିବାର ରାତି ଓ ସକାଳେ କଟିଆପଡାକୁ ପାଣି ପଶି ଯାଇଥିଲା। ଘର ଭିତରେ ପାଣି ଥିବା ନେଇ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରି ଅଭିଯୋଗ କରିଥିଲେ। ଘରୁ ବାହାରି ପଡିଥିଲେ। ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଠିକା ସଂସ୍ଥା କର୍ମଚାରୀମାନେ ପହଞ୍ଚିଥିଲେ । ପରେ ଜେସିବରେ ମାଟି ଖୋଳି ଏକ ଅସ୍ଥାୟୀ ଡ୍ରେନ ନିର୍ମାଣ କରାଯିବା ପରେ ପାଣି ଘରକୁ ପଶିବା ବନ୍ଦ ହୋଇଥିଲା। ହେଲେ ଏହି ଅସ୍ଥାୟୀ ଡ୍ରେନର ମଧ୍ୟ ସ୍ଥାୟୀତ୍ୱ ନାହିଁ। ପୁଣି ସମସ୍ୟା ହେବ ବୋଲି ପଡାବାସୀ କହିଛନ୍ତି।

## ୧୫ କେଜି ବାର୍‌ହା ମାଂସ, ଦେଶୀ ବନ୍ଧୁକ ଜବତ: ୩ ଶିକାରୀ ଗିରଫ

ନାକଟିଦେଉଳ,୨୫।୬
(ସନ୍ତୋଷ କୁମାର ସାହୁ)



ଗିରଫ ୩ ଅଭିଯୁକ୍ତ, ଜବତ ମାଂସ ।

ସମ୍ବଲପୁର ଜିଲା ନାକଟିଦେଉଳ ବନ ବିଭାଗ ଚଢ଼ାଉ କରି ବେଆଇନ ଭାବେ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର କରି ମାଂସ ବିକ୍ରି କରୁଥିବା ବେଳେ ୩ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ ସହ ୧୫ କେଜି ବାର୍‌ହା ମାଂସ ଜବତ କରିଥିବା ଜଣାପଡିଛି। ଗିରଫମାନେ ହେଲେ ନାକଟିଦେଉଳ ଥାନା ଅନ୍ତର୍ଗତ ଖମଣମୁଣ୍ଡା ଗ୍ରାମର ଜିତେନ୍ଦ୍ର ଜାମକିଆ (୨୮), ମିଥୁନ କଂସାରିଆ (୨୨) ଏବଂ ଅନିରୁଦ୍ଧ ଛେଣ୍ଡିଆ (୨୭)। ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ପେଣ୍ଡବାହାଲ କମାର ସାହିର ଅଲେଖ ଶବର ଫେରାର ଥିବା ଜଣାପଡିଛି। ସୂଚନା ଅନୁସାରେ ଗତ ୨୩ ତାରିଖରେ ଶିକାରୀମାନେ ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଲାଣ୍ଡିମାଲ ସଂରକ୍ଷିତ ଜଙ୍ଗଲରୁ ଏକ ବାର୍‌ହା ଶିକାର କରିଥିଲେ। ଶିକାରୀମାନେ ୨୪ ତାରିଖରେ ବାର୍‌ହା ମାଂସ ନାକଟିଦେଉଳ ଆଣି ସ୍ଥାନୀୟ ଶିଶୁ ମନ୍ଦିର ନିକଟ ଏକ ଦୋକାନ ପଛ ପାଖରେ ବିକ୍ରି କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ସଦଳବଳେ ଚଢ଼ାଉ କରି ସେଠାରୁ ବାର୍‌ହା ମାଂସ ବିକ୍ରି କରୁଥିବା ଜିତେନ୍ଦ୍ରଙ୍କୁ ଗିରଫ କରିବା ସହ ୧୫ କେଜି ବାରହା ମାଂସ ଜବତ କରିଥିଲେ। ଗିରଫ ଜିତେନ୍ଦ୍ରଙ୍କୁ ଆଣି ପଚରାଉଚୁରା କରିବା ପରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏଥି ସହିତ ଜିତେନ୍ଦ୍ରଙ୍କ ଘରୁ ବନ୍ୟଜନ୍ତୁ ଶିକାରରେ ବ୍ୟବହୃତ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଥିଲେ। ଗିରଫଙ୍କୁ ରବିବାର ବନ୍ୟଜନ୍ତୁ ସଂରକ୍ଷଣ ଆଇନ ବଳରେ ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଥିବା ନାକଟିଦେଉଳ ବନାଞ୍ଚଳ ଅଧିକାରୀ କହିଛନ୍ତି । ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହଜତକୁ ପଠାଇ ଦିଆଯାଇଛି।

# ବର୍ଷାରେ ଧୋଇଗଲା ଡାଇଭର୍ସନ



କୁଚିଣ୍ଡା–ଫାସିମାଲ ରାସ୍ତା ସର୍ଦ୍ଧାପାଲିଠାରେ ନିର୍ମାଣାଧୀନ ଡାଇଭର୍ସନ ଧୋଇ ହୋଇଯାଇଛି।

କୁଚିଣ୍ଡା,୨୫।୬(ବିରଞ୍ଚି ଦର୍ଶା)

**କୁଚିଣ୍ଡା-ଫାସିମାଲ ଯୋଗାଯୋଗ ବିଚ୍ଛିନ୍ନ**

ଲଘୁଚାପ ଜନିତ ପ୍ରବଳ ବର୍ଷାରେ କୁଚିଣ୍ଡା–ଫାସିମାଲ ରାସ୍ତା ସର୍ଦ୍ଧାପାଲିଠାରେ ନିର୍ମାଣାଧୀନ ସେତୁ ଡାଇଭର୍ସନ ଧୋଇ ହୋଇଯାଇଛି। ଫଳରେ ଏହା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବକ୍ସମା ପଞ୍ଚାୟତ ସର୍ଦ୍ଧାପାଲି ନାଳା ଉପରେ ୫ କୋଟି୩୦ ଲକ୍ଷ ଟଙ୍କା ବ୍ୟୟରେ ପୂର୍ତ୍ତବିଭାଗ ପକ୍ଷରୁ ଠିକାସଂସ୍ଥା ଦ୍ୱାରା ନିର୍ମାଣାଧୀନ ଚାଲିଥିବା ସେତୁ ପାଇଁ କରାଯାଇଥିବା ଡାଇଭର୍ସନଟି ସମ୍ପୂର୍ଣ୍ଣ ଧୋଇଯିବା ଦ୍ୱାରା କୁଚିଣ୍ଡା–ସମ୍ବଲପୁର ଭାୟା ଫାଶିମାଲ ଅଞ୍ଚଳ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଶନିବାରଠାରୁ ଲଗାଣ ବର୍ଷା ଯୋଗୁ ଡାଇଭର୍ସନ ଧୋଇଯିବା ଫଳରେ ସୁବର୍ଣ୍ଣପାଲି, ଗୁଣ୍ଡୁରୁଚୁଆଁ, ଫାଶିମାଲ, କେନାଡିପା, ଚକୁଲିଆବାହାଲ, ମହଦା, ଟିକିବା ଆଦି ପଞ୍ଚାୟତ ଜନସାଧାରଣଙ୍କ ପାଇଁ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ସେତୁ କାମ ଅଧପନ୍ତରିଆ ହୋଇଥିବାରୁ ଏବେ ବର୍ଷା ଦିନେ ଏହି ସବୁ ପଞ୍ଚାୟତର ଜନ ସାଧାରଣଙ୍କ ପାଇଁ କୁଚିଣ୍ଡା ସବଡିଭିଜନ ମୁଖ୍ୟାଳୟ ସହ ସମ୍ପର୍କ ଛିନ୍ନ ହୋଇଥିବାରୁ ବଡ ସମସ୍ୟା ସୃଷ୍ଟି ହେବା ସମ୍ଭାବନା ଦେଖାଦେଇଛି। ଏ ସମ୍ପର୍କରେ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ରାଉତରାୟଙ୍କୁ ପଚାରିବାରେ ବର୍ଷା କମିଲେ ଦୁଇଦିନ ମଧ୍ୟରେ ରାସ୍ତା ପୁନଃ ନିର୍ମାଣ କରାଯିବ ବୋଲି କହିଛନ୍ତି।

## ପୀଡ଼ିତ ପରିବାରକୁ ଭେଟିଲେ ରୋହିତ

ସମ୍ବଲପୁର,୨୫।୬(ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୁଯୁମୁରା ବ୍ଲକ ଗସ୍ତ କରିଛନ୍ତି । ପ୍ରଥମେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଯୁଯୁମୁରା ସରପଞ୍ଚଙ୍କ ସ୍ୱାମୀ ଗୋପାଳ ପ୍ରଧାନଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଗୋପାଳଙ୍କ ସ୍ତ୍ରୀ ସରପଞ୍ଚ ବାସନ୍ତୀ ପ୍ରଧାନ ଓ ତାଙ୍କ ପୁଅମାନଙ୍କ ସହ କଥା ହୋଇଥିଲେ । ସମବେଦନା ଜଣାଇବା ସହ ସବୁ ସମୟରେ ତାଙ୍କ ସାଥିରେ ରହିବେ ବୋଲି କହିଥିଲେ। ଲିପିଣ୍ଡା ପଞ୍ଚାୟତ ତାବଡଇଲା ଗ୍ରାମର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୋହୂ ପଦ୍ମିନୀ ମିର୍ଦ୍ଧା (୩୫) ଓ ଶାଶୁ ସତ ମିର୍ଦ୍ଧାଙ୍କ (୬୨)ଙ୍କ ମୃତ୍ୟୁ ଘଟିଥିଲା । ଉକ୍ତ ପରିବାରଙ୍କୁ ମଧ୍ୟ ବିଧାୟକ ପୂଜାରୀ ଭେଟି ସମବେଦନା ଜଣାଇଥିଲେ । ସରକାରୀ ସ୍ତରରେ ଯାହା ସହାୟତା ଦେବାର ନିୟମ ରହିଛି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଯୁଯୁମୁରା ଛକରେ କର୍ମୀ ଓ ଜନସାଧାରଣଙ୍କ ସହ ଚା ଖଟିରେ ଆଲୋଚନା କରିଥିଲେ। ଯୁଯୁମୁରା ଅଞ୍ଚଳରେ ଅନେକ ପ୍ରକଳ୍ପ କାମ ଚାଲିଛି। ସରକାରୀ ଯୋଜନା ଗୁଡିକ କାର୍ଯ୍ୟକାରୀ ହେଉଛି। ଉପଯୁକ୍ତ ଲୋକଙ୍କୁ ସବୁ ସୁବିଧା ମିଳୁଛି କି ନାହିଁ କର୍ମୀମାନଙ୍କୁ ପଚାରିଥିଲେ। ଯଦି ପଞ୍ଚାୟତ ସ୍ତରରେ ହେଉ ନାହିଁ ତାହା ହେଲେ ମୋତେ ସିଧା ଜଣାଅ, ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକ ଲୋକଙ୍କୁ ଜଣାଇ କେନ୍ଦ୍ର ଅବହେଳା ଉପରେ ସଚେତନ କରିବାକୁ କହିଥିଲେ। ତୃଣମୂଳସ୍ତରରେ ସଙ୍ଗଠନ ଆହୁରୀ ମଜବୁତ କରି ଦଳ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। କାହାର ସମସ୍ୟା ହେଲେ ସିଧାସଳଖ ଫୋନ କରି ଜଣାଇବାକୁ ଜନସାଧାରଣଙ୍କୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ନୃପ ଶେଖର କୁମୁରା, ବୈରାଗୀ ଦେହୁରୀ, ପ୍ରହ୍ଲାଦ ପ୍ରଧାନ, ଅବନି କୁମୁରା, ଆଇନଜୀବୀ ସଞ୍ଜୟ ବିଶ୍ୱାଳଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

## ବିଜେପୁର, ଝାରବନ୍ଧରେ ଛତୁ ଚାଷ ତାଲିମ

ସମ୍ବଲପୁର,୨୫।୬(ବି.ଶଙ୍କର)



ଟିପିଡବ୍ଲୁଓଡିଏଲ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ହୋଇଥିବା ଛତୁ ଚାଷ ।

ଟାଟା ପାୱାର ପଶ୍ଚିମ ଓଡିଶା ବିଦ୍ୟୁତ ବିତରକ କମ୍ପାନୀ (ଟିପିଡବ୍ଲୁଓଡିଏଲ) ବିଦ୍ୟୁତ ବିତରଣ କରିବା ସହ ଗ୍ରାହକମାନଙ୍କୁ ବିଭିନ୍ନ ସମୟରେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କ ଆର୍ଥିକ ବିକାଶ ଦିଗରେ ବିଭିନ୍ନ ପଦକ୍ଷେପ ନେଇଛି। ଏହିକ୍ରମରେ କମ୍ପାନୀ ପକ୍ଷରୁ ବରଗଡ ଜିଲା ବିଜେପୁର ଓ ଝାରବନ୍ଧ ପଞ୍ଚାୟତ ସମିତିର କେତୋଟି ଗ୍ରାମରେ ୫ଟି ସ୍ୱୟଂ ସହାୟକ ଗୋଷ୍ଠିକୁ ଛତୁ ଚାଷ ସକାଶେ ତାଲିମ ପ୍ରଦାନ କରାଯାଇଛି। ଚତୁ ଚାଷରେ ସେମାନେ କିପରି ଜୀବିକର ନିର୍ବାହ କରିପାରିବେ, ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବେସକାରୀ ସଂସ୍ଥାଗୁଡିକକୁ ଏହି କାର୍ଯ୍ୟକ୍ରମରେ ନିୟୋଜନ କରାଯାଇ ଗରୀବ ଆଦିବାସୀ ଲୋକମାନଙ୍କୁ ଛତୁ ଚାରେ ପ୍ରଣାଳୀ ଓ ଏଥି ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ପ୍ରସ୍ତୁତି ସକାଶେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ସେହି ବ୍ୟକ୍ତିମାନେ ସେହି ଛତୁ ଚାଷ ଉଚିତ ଦରରେ ବିକ୍ରି କରି ତାଙ୍କ ଜୀବିକା ଉପାର୍ଜନ କରିପାରିବେ। ସେହିପରି ତିନିଟି ଭ୍ରାମ୍ୟମାଣ ଚିକିତ୍ସାଳୟ, ବୈଷୟିକ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ସ୍ଥାପନ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ସତ୍ୟବାଦୀ ଠାକୁରଙ୍କ ମହାଦେବ, ମୋହନୀ ବେଶ



ସମ୍ବଲପୁରସ୍ଥିତ ହାଟପଡା ସତ୍ୟବାଦୀ ଠାକୁରଙ୍କ ମହାଦେବ ଓ ମୋହିନୀ ବେଶ ।

ସମ୍ବଲପୁର,୨୫।୬(ବି.ଶଙ୍କର)

ଐତିହାସିକ ସମ୍ବଲପୁର ସହରରେ ରଥଯାତ୍ରା ନିଆର ପରମ୍ପରା । ଶକ୍ତି ପୀଠ ସମ୍ବଲପୁର ସହରରେ ସମ୍ପ୍ରତି ୨୫ଟି ମନ୍ଦିରରେ ରଥଯାତ୍ରା ହୋଇଛି। ରଥଯାତ୍ରା ପରେ ଚତୁର୍ଦ୍ଧା ମୂର୍ତ୍ତି ପରମ୍ପରାନୁସାରେ ମାଉସୀ ମା' ମନ୍ଦିରରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରୁ ଦଶମୀ ତିଥି ପର୍ଯ୍ୟନ୍ତ ରହିଥାନ୍ତି। ତେବେ ଠାକୁର ମାଉସୀ ମା' ମନ୍ଦିରରେ ଅବସ୍ଥାନ ସମୟରେ ବିଭିନ୍ନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି କ୍ରମରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହାଟପଡାର ସତ୍ୟବାଦୀ ଠାକୁର ମଧ୍ୟ ଭକ୍ତମାନଙ୍କୁ ମନଲୋଭା ବେଶରେ ଦର୍ଶନ ଦେଇଛନ୍ତି। ରବିବାର ସତ୍ୟବାଦୀ ଠାକୁର ଭକ୍ତମାନଙ୍କୁ ମହାଦେବ ଓ ମୋହିନୀ ବେଶରେ ଦର୍ଶନ ଦେଇଛନ୍ତି। ମଧ୍ୟାହ୍ନ ଭୋଗ ପରେ ଠାକୁରଙ୍କୁ ପୂଜକମାନେ ପାଟବସ୍ତ୍ର ପିନ୍ଧାଇବା ସହ ବିଭିନ୍ନ ଅଳଙ୍କାରରେ ଭୁଷିତ କରିଥିଲେ। ସନ୍ଧ୍ୟାରେ ଆଳତି ହେବା ପରେ ଭକ୍ତମାନଙ୍କ ଦର୍ଶନ ସକାଶେ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ସହରର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ପହଞ୍ଚି ଠାକୁରଙ୍କ ଦର୍ଶନ କରି ଆର୍ଶିବାଦ ଗ୍ରହଣ କରିଛନ୍ତି ।

# ମିଶନ ଶକ୍ତି ଉପଦେଷ୍ଟାଙ୍କ ଏସ୍‌ଏଚ୍‌ଜି ପରିଦର୍ଶନ

ରାଉରକେଲା ,୨୫।୬(ସଙ୍ଗୀତା ଜେନା)



ମିଶନ ଶକ୍ତି ଉପଦେଷ୍ଟା ମିଲେଟ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ମିଶନ ଶକ୍ତିର ଉପଦେଷ୍ଟା ଗୀତାଞ୍ଜଳି ବସ୍ତିଆ ରବିବାର ପୂର୍ବାହ୍ନରେ ରାଉରକେଲା ଓ ଆଖପାଖ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପରିଦର୍ଶନ କରିବା ସହ ମିଲେଟ ପ୍ରସ୍ତୁତ ସେଣ୍ଟର ବୁଲି ଦେଖିଛନ୍ତି। ସେ ଝିରପାଣି ପଞ୍ଚାୟତର ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ଦ୍ୱାରା ମିଲେଟ ସେଣ୍ଟର ବୁଲି ଦେଖିବା ସହ ମହିଳାମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ବସ୍ତିଆଙ୍କୁ ଏସ୍‌ଏଚ୍‌ଜି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମିଶନ ଶକ୍ତିର ଜିଲା ଯୋଜନା ସମନ୍ୱୟକ ଲମ୍ବୋଦର ବାସ୍କେ, ଡ଼ିପିଏମ ସାମୁଏଲ ଟପ୍ପୋ, ଜିଲା ଯୋଜନା ସମନ୍ୱୟକ ସୁଶୀଳା ରଥ, ସିଡ଼ିପିଓ ଏମ୍ରନସିଆ କୁଲୁ, ମିଶନ ଶକ୍ତି ବିପିସି ସନା ମୁଣ୍ଡା, ବିପିଏମ ପ୍ରସନ୍ନ ମୋଦି, ବିପିଏସିଏ ସଙ୍ଗଲ ମୁଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ସଭାନେତ୍ରୀ ପ୍ରେମା ଦାସ, ସାଧାରଣ ସମ୍ପାଦିକା ଦମୟନ୍ତୀ ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ମିଶନ ଶକ୍ତି ଉପଦେଷ୍ଟା ବସ୍ତିଆ ବିଭିନ୍ନ ଅଞ୍ଚଳରେ ଥିବା ମିଲେଟ ସେଣ୍ଟରଗୁଡ଼ିକ ପରିଦର୍ଶନ କରିଥିଲେ।

# ରେଢ଼ାଖୋଲବାସୀଙ୍କ ସେବା କରିବାକୁ ଅଟକାଇ ପାରିବେ ନାହିଁ : ରୋହିତ

ସମ୍ବଲପୁର,୨୫।୬ (ଶୁଭାଶିଷ ପାଢୀ)



ରେଢାଖୋଲରେ ବିଧାୟକ ରୋହିତ ପୂଜାରୀ ବକ୍ତବ୍ୟ ଦେଉଛନ୍ତି ।

ରେଢାଖୋଲବାସୀଙ୍କ ସହ ରହିଛି, ଜୀବନର ଶେଷ ସମୟ ପର୍ଯ୍ୟନ୍ତ ରହିବି। ମନ୍ତ୍ରୀପଦ ଗଲା ବୋଲି ମୋର ଦୁଃଖ ନାହିଁ। ମୁଁ କମ୍ ସମୟ ପାଇଁ ମନ୍ତ୍ରୀ ରହିଥିଲେ ମଧ୍ୟ ରେଢାଖୋଲ ବିଧାନସଭା ପାଇଁ ବହୁତ କିଛି କରିଛି । ଆଉ କିଛି ଦିନ ରହିଥିଲେ ଅଧିକ କାମ ହୋଇଥାନ୍ତା। ମୁଖ୍ୟମନ୍ତ୍ରୀ ମୋ ଉପରେ ଖୁସି ହୋଇଥାଆନ୍ତେ। ମନ୍ତ୍ରୀ ପଦରେ ଥିବା ସମୟରେ ରେଢାଖୋଲ ପାଇଁ ଯାହା କରିବାକୁ ଚାହୁଁଥିଲି ତାହା କରିଦେଇଛି ବୋଲି ପୂର୍ବତନ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ରେଢ଼ାଖୋଲ କଦଳୀଗଡ଼ରେ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟର ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ସେ ଆହୁରୀ କହିଥିଲେ ଯେ, କିସିଣ୍ଡା, ବଡ଼ମାଲ ଓ ପଡ଼ିଆବାହାଲରେ ଗୋଟିଏ ଲେଖାଏଁ ଯୁକ୍ତ ୩ କଲେଜ କରିବା ପାଇଁ ଲୋକଙ୍କ ଦାବି ଓ ମୋର ଇଚ୍ଛା ରହିଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଅନୁରୋଧ କରିଥିଲି। ଏହି ୩ଟି ସ୍ଥାନରେ କଲେଜ ହୋଇଯାଇଥାନ୍ତା। ସେଇଟା ମୋର ବଡ଼ ଦୁଃଖ ହୋଇ ରହିଗଲା । ହେଲେ ବିଧାୟକ ଭାବେ ଥାଇ ମଧ୍ୟ ସେଥିପ୍ରତି ଉଦ୍ୟମ ଜାରି ରହିବ ବୋଲି ପୂଜାରୀ କହିଥିଲେ। ହେଲେ କେତେକ ଭୁଆଁ ବୁଲାଇ ଏଣେ ତେଣେ କଥା କହୁଛନ୍ତି। ହେଲେ ସେମାନେ ରେଢାଖୋଲ ପାଇଁ କଣ କରିଛନ୍ତି । ପିଲାଙ୍କ ପାଇଁ କଣ କରିଛନ୍ତି । ସେ ବିଷୟରେ କିଛି କହୁନାହାନ୍ତି। ଏଠାରେ ଗୋଟିଏ ଏମ୍‌ଏସ୍‌ଏମଇ ପାର୍କହେବାକୁଥିଲା ଯାହା କେତେକ ଲୋକ ବିରୋଧ କରିବାରୁ ହେଲା ନାହିଁ । ମୋର ବଳ ହେଉଛନ୍ତି ରେଢାଖୋଲବାସୀ। ସେମାନଙ୍କ ସହିତ ରହିଛି ବୋଲି ପୂଜାରୀ କହିଥିଲେ । ହେଲେ ସୂଚନା ଫଳକରେ ମୁଖ୍ୟ ଅତିଥି ପୂଜାରୀ ରହିଥିବାବେଳେ ସମ୍ମାନିତ ଅତିଥିଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ବୀରମହାରାଜପୁର ପଦ୍ମନାଭ ବେହେରା, ଜିଏମୟୁ କୁଳପତି ଏନ.ନାଗାରାଜୁ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶିକା ପ୍ରଫେସର ପ୍ରଭାବତି ଗୁରୁ, ରେଢାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ ନାମ ରହିଥିଲା। ହେଲେ ଆଠମଲ୍ଲିକ ବିଧାୟକ ସାଏ ସଭାରେ ଯୋଗଦାନକୁ ନେଇ ଚର୍ଚ୍ଚା ଏବେ ଜୋର ଧରିଛି। ରେଢାଖୋଲ ନିର୍ବାଚନ ମଣ୍ଡଳୀ ସାଧାରଣ ବର୍ଗରେ ଆସୁଥିବା ଯୋଗୁ ବହୁ ନେତା ଆଶାୟୀ ରହିଥାନ୍ତି । ଏ ସମ୍ପର୍କରେ ବିଧାୟକ ପୂଜାରୀ କହିଛନ୍ତି ଯେ, ଆଠମଲ୍ଲିକ ଓ ବୀରମହାରାଜପୁର ବିଧାନସଭାର ପିଲାମାନେ ମଧ୍ୟ ପାଠ ପଢିବାକୁ ଆସୁଛନ୍ତି। ତେଣୁ ସେମାନଙ୍କୁ କଲେଜ କମିଟି ନିମନ୍ତ୍ରଣ କରିଥିବେ। ଅନ୍ୟ ଜିଲାର ବିଧାୟକଙ୍କୁ ଅତିଥି ଭାବେ ଡାକିବାରେ କିଛି ସମସ୍ୟା ରହୁନାହିଁ। ଲୋକଙ୍କ ସେବା କରିବାରେ ଅଞ୍ଚଳ ପରିଧି ନ ଥାଏ। ବହୁତ ସୁନ୍ଦର କାର୍ଯ୍ୟକ୍ରମ ହୋଇଥିଲା ବୋଲି କହିଥିଲେ। ହେଲେ ବିଜୟ ସାଏଙ୍କ ଯୋଗଦାନ କରିବା ରେଢାଖୋଲବାସୀଙ୍କ ଏକ ରାଜନୀତି ସମୀକରଣ କରିବାକୁ ଏକ ସୁରାକ ଯୋଗାଇଛି ।

**ଆଠମଲ୍ଲିକ ବିଧାୟକଙ୍କ ଉପସ୍ଥିତି ନେଇ ଚର୍ଚ୍ଚା**

